# ମିଶ୍ରି ଲାଲ ମାଇନ୍ସରେ ଶ୍ରମିକଙ୍କ ବିକ୍ଷୋଭ

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାମ ବନ୍ଦ ଚେତାବନୀ

ଢେଙ୍କାନାଳ, ୨୦।୬(ସମିସ)



ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାନପୁରା ଗ୍ରାମ ସୀମାରେ ଗଢ଼ି ଉଠିଥିବା ମିଶ୍ରିଲାଲ ମାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ର ଫେରୋ ଆଲୟେଜ୍ ଡିଭିଜନ୍ ୨ରେ ୧୪ଦଫା ଦାବି ନେଇ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ମିଶ୍ରିଲାଲ ମାଇନ୍ସ ପ୍ରାଇଭେଟ ଲିମିଟେଡ କାରଖାନା ୨୦୧୩ ମସିହାରୁ ଏଠାରେ କାର୍ଯ୍ୟକରୁଛି। ପ୍ରାୟ ୨୫୦ ରୁ ଊର୍ଦ୍ଧ୍ୱ ଶ୍ରମିକ ଏଠାରେ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇ ଦୟନୀୟ ଅବସ୍ଥାରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଗତ ୧୯ ତାରିଖ ବିଳମ୍ବିତ ରାତ୍ରିରେ କର୍ମଚାରୀ ଓ ଶ୍ରମିକମାନେ କାର୍ଯ୍ୟ ବନ୍ଦକରି ଉପସ୍ଥିତ ମିଶ୍ରିଲାଲର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଦେଖି କାରଖାନାର ଡେପୁଟି ମ୍ୟାନେଜର ଅନିଲ ଦାଶ କାର୍ଯ୍ୟାଳୟ ଛାଡ଼ି ପଳାଇଥିଲେ। ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି କର୍ମଚାରୀ ଘଟଣାସ୍ଥଳକୁ ନ ଆସିବାରୁ ୧୯ ତାରିଖ ରାତି ୧୨ଟାରେ କାମାକ୍ଷାନଗର ଥାନାରେ କର୍ମଚାରୀମାନେ ପହଞ୍ଚି କୌଣସି ଗଣ୍ଡଗୋଳ ନ କରିବା ପାଇଁ ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରେ ଏକ ବୈଠକରେ ଆଲୋଚନା କରିଥିଲେ। ଗୁରୁବାର ସକାଳ ୭.୩୦ ମିନିଟରେ ଗେଟ୍ ସମ୍ମୁଖରେ ସମସ୍ତ କର୍ମଚାରୀ ଓ ଶ୍ରମିକ କାର୍ଯ୍ୟ ବନ୍ଦ କରିଥିବାରୁ କାରଖାନାର ସମସ୍ତ କାର୍ଯ୍ୟ ଅଚଳ ହୋଇଯାଇଥିବା ଦେଖିବାକୁ ମିଳିଛି। ଦାବିଗୁଡ଼ିକ ମଧ୍ୟରେ ସରକାରଙ୍କ ତରଫରୁ ଘୋଷଣା ହୋଇଥିବା ଧାର୍ଯ୍ୟ ମଜୁରୀ କର୍ମଚାରୀଙ୍କୁ ପ୍ରଦାନ କରିବା ସହିତ ବର୍ଷକୁ ୧୨% ହିସାବରେ ୨ ବର୍ଷର ଇନ୍କ୍ରିମେଣ୍ଟ ପ୍ରଦାନ, ୫ ବର୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ପଦୋନ୍ନତି କରିବା, କୌଣସି କର୍ମଚାରୀଙ୍କୁ ବ୍ୟକ୍ତିଗତ, ରାଜନୈତିକ ଅଭିସନ୍ଧି ରଖି କାର୍ଯ୍ୟରୁ ନିଲମ୍ବିତ କରିପାରିବେ ନାହିଁ। ସମାନ କାର୍ଯ୍ୟକୁ ସମାନ ଦରମା, ଓଭର ଡ୍ୟୁଟି କରୁଥିବା କର୍ମଚାରୀଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରିବା, ଫରନେସରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ବିଶ୍ରାମ କକ୍ଷ ଓ ଖାଇବା ବ୍ୟବସ୍ଥା, ପ୍ରତିମାସର ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନ, ଇଏସଆଇରୁ ବଞ୍ଚିତ ହେଉଥିବାରୁ ଓ ମେଡିକାଲ ସୁବିଧା ନ ମିଳିବାରୁ ତାର ସମାଧାନ, ପ୍ରତ୍ୟେକ ମାସରେ ସମସ୍ତ କର୍ମଚାରୀଙ୍କୁ ପେ ସ୍ଲିପ୍ ଦେବା, ବିନା କାରଣରେ କର୍ମଚାରୀଙ୍କୁ ବାହାର କରିବା କିମ୍ବା ଦଣ୍ଡ ବନ୍ଦକରିବା, ନୋଟିସ୍ ବୋର୍ଡରେ ସମସ୍ତ କମ୍ପାନୀର ଲେଖା ଓଡ଼ିଆରେ ଲେଖିବା ପ୍ରମୁଖ ଦାବି ଉପସ୍ଥାପନା କରିଥିଲେ। ଏ ସମ୍ପର୍କରେ କମ୍ପାନୀର ଡେପୁଟି ମ୍ୟାନେଜର ଅନିଲ୍ ଦାସଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏହି ଘଟଣାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟିହୋଇଛି।



ବର୍ଷାରେ ଭିଜିଲା ଢେଙ୍କାନାଳ; ଅସହ୍ୟ ତାତିରୁ ମିଳିଲା ସାମାନ୍ୟ ଆଶ୍ୱସ୍ତି

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

କାମାକ୍ଷାନଗର,୨୦।୬(ସମିସ)

କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବଡ଼ସୁଆଁଳ ଗ୍ରାମରେ ଅଂଶୁଘାତରେ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜିଲ୍ଲାରେ ଦିନକୁ ଦିନ ଅଧିକରୁ ଅଧିକ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ କାମାକ୍ଷାନଗର ବ୍ଲକ ବଡ଼ସୁଆଳ ଗାଁର ନିର୍ମଳ ଚନ୍ଦ୍ର ବିଶ୍ୱାଳ (୫୮ବର୍ଷ) ଅଂଶୁଘାତର ଶିକାର ହୋଇ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହି ମୃତ୍ୟୁର କାରଣ ଜଣାପଡ଼ିବ।

## ମଦନମୋହନ ମିଶ୍ର ଛାତ୍ରଛାତ୍ରୀ ବୃତ୍ତି ପ୍ରଦାନ



**ଗଁଦିଆ, ୨୦।୬(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ମଠତେନ୍ତୁଳିଆ ନୋଡାଲ୍ ଉ.ପ୍ରା. ବିଦ୍ୟାଳୟରେ ମଦନ ମୋହନ ମିଶ୍ରଙ୍କ ପରିବାର ତରଫରୁ ମଦନ ମୋହନ ମିଶ୍ର ଛାତ୍ରଛାତ୍ରୀ ବୃତ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଦନ ମୋହନ ମିଶ୍ର ଓ ତାରାମଣି ମିଶ୍ର ଉପସ୍ଥିତ ରହି ସପ୍ତମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଅଶ୍ୱିନୀ କୁମାର ଦାଶ ଏବଂ ଛାତ୍ରୀ ସୁଚିସ୍ମିତା ପୁହାଣଙ୍କୁ ନଗଦ ୧୭୦୦ ଟଙ୍କା ସହିତ ରନିଂ ସିଲ୍ଡ ପ୍ରଦାନ କରିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ସାହୁ, ପୀତବାସ ପୁହାଣ, ଗୋପାଳକୃଷ୍ଣ ନାୟକ (ସିଆର୍‌ସିସି) ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍ସବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମଟି ମଦନ ମୋହନ ମିଶ୍ରଙ୍କ ସୁପୁତ୍ର ପାର୍ଥସାରଥି ମିଶ୍ର ଓ ଆଡଭୋକେଟ୍ ଗୁପ୍ତେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାକୁ ଶରତ କୁମାର ମିଶ୍ର (ଭରଦ୍ୱାଜ) ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ସାହୁ ସମସ୍ତ ଅତିଥିବର୍ଗଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନସ କୁମାର ସାହୁ ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଅର୍ପଣ କରି ଏହି ପରମ୍ପରା ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୋ ସ୍କୁଲ୍ ଅଭିଯାନର ସଭାପତି ଶିବରାମ ସାହୁ ଏହି କାର୍ଯ୍ୟକ୍ରମକୁ ସକ୍ରିୟ ସହଯୋଗ କରିଥିଲେ।

## ଅଧିକ ଦରରେ ମଦ ବିକ୍ରି ନେଇ ଉତ୍ତେଜନା

**ଗନ୍ଦିଆ, ୨୦।୬(ସମିସ):** ଗନ୍ଦିଆ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନରେ ନିର୍ଦ୍ଧାରିତ ଦାମ୍ ଠାରୁ ଅଧିକ ଦରରେ ମଦ ବିକ୍ରିକୁ କେନ୍ଦ୍ରକରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। କିଛି ଯୁବ ଗ୍ରାହକ ଏହାର ତୀବ୍ର ବିରୋଧ କରିବା ସହ ପାଟିତୁଣ୍ଡ କରିଥିଲେ। ଦୋକାନ ସମ୍ମୁଖରେ ବୋତଲ ଭଙ୍ଗାରୁଜା କରିଥିଲେ। ଗ୍ରାହକଙ୍କୁ ଶୋଷଣ ନେଇ ସମ୍ପୃକ୍ତ ମଦ ଦୋକାନ ବିରୋଧରେ ପୂର୍ବରୁ ଏକାଧିକ ଥର ଅଭିଯୋଗ ହୋଇଥିଲା। ଗତ କିଛିମାସ ହେଲା ଏହି ମଦ ଦୋକାନରେ ଚଢ଼ା ଦରରେ ମଦ ବିକ୍ରି ହେଉଛି। ଅବକାରୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରଜ ଏବଂ ପ୍ରବଳ ଖରାରେ ମଦ କାଉଣ୍ଟର ସମ୍ମୁଖରେ ପ୍ରବଳ ଭିଡ଼ ହୋଇଥିଲା। ହେଲେ ପ୍ରତ୍ୟେକ ବୋତଲ ପିଛା ୧୦ରୁ ୨୦ ଟଙ୍କା ଲେଖାଏଁ ଅଧିକ ଦାମ୍ରେ ଗ୍ରାହକ କ୍ରୟ କରିଥିଲେ। ଅଧିକ ଟଙ୍କା ନଦେଲେ ମଦ ଦିଆଯିବନି ବୋଲି ଦୋକାନୀ ରୋକ୍‌ଠୋକ୍ ଶୁଣାଇଥିଲେ। ଏହା ଶୁଣିବା ପରେ କିଛି ଯୁବ ଗ୍ରାହକ ପାଟିତୁଣ୍ଡ କରିଥିଲେ। ଦୋକାନୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ମଦ ବୋତଲ ଭାଙ୍ଗିଥିବା ଜଣାପଡ଼ିଛି। ଏ ନେଇ ଅବକାରୀ ଅଧିକାରୀଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ମକ୍‌ଡ୍ରିଲ

**କାମାକ୍ଷାନଗର, ୨୦।୬(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକର ଏକମାତ୍ର ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ କଙ୍କଡ଼ାହାଡ଼ ଠାରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସ୍ତରୀୟ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଆଗକୁ ଥିବା ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା ଓ ବନ୍ୟା ପାଇଁ ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ ଅଭ୍ୟାସ ଆରମ୍ଭ ହୋଇଛି।



ଲୋକମାନଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ନିଆଯିବ, ଘର ଛାତ ଉପରେ ଥିବା ଲୋକଙ୍କୁ ଉଦ୍ଧାର କରିବା ସହ ଘଡ଼ ଘଡ଼ି, ସାପ କାମୁଡ଼ା, ଗ୍ୟାସ ଲିକି, ଅଂଶୁଘାତ ଓ ଘର ପୋଡ଼ି ହେଲେ ଖୁବଶୀଘ୍ର ଜରୁରୀକାଳୀନ ନମ୍ବରକୁ ଜଣାଇବା ସହ ଲୋକଙ୍କୁ କିପରି ସୁରକ୍ଷା ଦେବା ସେଥିନେଇ ଲୋକମାନଙ୍କୁ ସଚେତନତା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀଧର ବେହେରା, ବିଡିଓ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକ, ଥାନା ଅଧିକାରିଣୀ କଳ୍ପନା ବେହେରା, ଜିପିଓ, ସରପଞ୍ଚ, ଅନୁସୟା ସାହୁ ଏ ମ୍ୱିକେ, ସି ଆର ପି, ଆଶା କର୍ମୀ, ଆଶ୍ରୟ ସ୍ଥଳୀର ସମ୍ପାଦକ ସନାତନ ପରିଡ଼ା, ପିଇଓ ସୁଶାନ୍ତ ବରାଳଙ୍କ ସହ ସମାଜସେବୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ସାଂସଦ ରୁଦ୍ର ପାଣିଙ୍କୁ ସମ୍ବର୍ଦ୍ଧନା



**ହିନ୍ଦୋଳ, ୨୦।୬(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ଅନ୍ତର୍ଗତ ଡାକବଙ୍ଗଳା ପରିସରରେ ଗୁରୁବାର ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନଗର ମଣ୍ଡଳ ସଭାପତି ସନ୍ତୋଷ ବେହେରାଙ୍କ ପୌରୋହିତ୍ୟ ଏବଂ ପ୍ରଚାର କମିଟି ଅଧ୍ୟକ୍ଷ ଅଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋବିନ୍ଦ ବେହେରା, ସୋଭାଗିନି ପ୍ରଧାନ, ସ୍ୱର୍ଣ୍ଣଲତା ମହାପାତ୍ର ଓ ଉର୍ମିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ଶରତ ଭୁତିଆ, ତୃପ୍ତି ବେହେରା, ପ୍ରତିମା ନାଏକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଫାଟକ ନିକଟରୁ ସଭାମଞ୍ଚ ନିକଟକୁ ପାଛୋଟି ଆଣିବା ପରେ ବରିଷ୍ଠ କାର୍ଯ୍ୟକର୍ତ୍ତା ତରୁଣ ସାମଲ, ରମେଶ ମିଶ୍ର, ମନୋରଞ୍ଜନ ନାଏକ, ପରମାନନ୍ଦ ସାହୁ, ଶେଷଦେବ ସାହୁ, ଶୁଭ୍ରାଂଶୁ ସାମନ୍ତ, ଅବନୀ ବେହେରା, ଗୋଲାବ ମହମଦ, ରମେଶ ବେହେରା, ଅନାଦି ବେହେରା, ଅମୂଲ୍ୟ ପ୍ରଧାନ, ପ୍ରମୋଦ ଶଙ୍କର ବେହେରା, ଜୁଲୁ ପାଳ, ଆଲୋକ ପାଳ ପ୍ରମୁଖଙ୍କ ନେତୃତ୍ୱରେ ଏନଏସିର ବହୁ କାର୍ଯ୍ୟକର୍ତ୍ତା ସାଂସଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ହାତୁରା ମଣ୍ଡଳ ସଭାପତି ମନୋଜ ପଟ୍ଟନାୟକ, ବାବନ୍ଧ ମଣ୍ଡଳ ସଭାପତି ଅଶୋକ ରାଉତ, ପାରିକୂଳ ମଣ୍ଡଳ ସଭାପତି ଜୀବନ ମିଶ୍ର ଏବଂ ରାସୋଳ ମଣ୍ଡଳ ସଭାପତି ମନୋରଞ୍ଜନ ନାଥ, ତପନ ମହାପାତ୍ର ଓ ସୁଲେଖ ସାହୁ ପ୍ରମୁଖ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ସାମ୍ବାଦିକ ଦୁଷ୍ମନ୍ତ ମିଶ୍ର, ସୁଶାନ୍ତ ସାମଲ, ସୁମନ୍ତ ଦେହୁରୀ, ଶତ୍ରୁଘ୍ନ ନନ୍ଦ, ସରୋଜ ଭୁତିଆ, ବିନୟ ବେହେରା ସମେତ ବହୁ ସାମ୍ବାଦିକ ଏବଂ ଈଶ୍ୱରୀୟ ପ୍ରଜାପତି ବ୍ରହ୍ମାକୁମାରୀ ସଂଗଠନ ପକ୍ଷରୁ ମଧ୍ୟ ସାଂସଦଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

## ଦୁର୍ବୃତ୍ତ ପାଣି ପଞ୍ଚାୟତ ପମ୍ପସେଟ୍ ତାଡ଼ିନେଲେ

**ଗଁଦିଆ, ୨୦।୬ (ସମିସ):** ଗଁଦିଆ ଠାରେ ବସାଯାଇଥିବା ପାଣି ପଞ୍ଚାୟତ ପମ୍ପସେଟ୍ ଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଜଣାପଡ଼ିଛି। ଉକ୍ତ ଗ୍ରାମରେ ଥିବା ଚାଷ ଜମିକୁ କୃଷି କ୍ଷେତ୍ରରେ ବ୍ୟବହାର ନିମନ୍ତେ ଦୁଇଗୋଟି ପାଣି ପଞ୍ଚାୟତ ଗଠନ କରାଯାଇଛି ଓ ଯାହା ଫଳରେ ଚାଷୀମାନେ ଜଳକଷ୍ଟ ସମୟରେ ଉକ୍ତ ପାଣି ପଞ୍ଚାୟତ ମାଧ୍ୟମରେ ଜଳ ପାଇଥାନ୍ତି। ଗ୍ରାମ ପାଖ ଦେଇ ପ୍ରବାହିତ ଓସ୍ତିଆ ନାଳରେ ଦୁଇ ଗୋଟି ଆଦିବନ୍ଧ କରାଯାଇ ଉଠା ଜଳସେଚନ ବିଭାଗ ପକ୍ଷରୁ ଦୁଇଟି ପାଣି ପଞ୍ଚାୟତ ସ୍ଥାପିତ ହୋଇଛି।



ଉକ୍ତ ଗ୍ରାମର ଚାଷୀମାନଙ୍କ ସହଯୋଗରେ ଏହା କାର୍ଯ୍ୟକାରୀ ହେଉଛି, କିନ୍ତୁ ଦୁଃଖର କଥା ଉକ୍ତ ନାଳ କୂଳରେ ଥିବା ଗଁଦିଆ ପାଣି ପଞ୍ଚାୟତ -୧ରେ ବସା ଯାଇଥିବା ପମ୍ପସେଟକୁ କେହି ଦୁର୍ବୃତ୍ତ ପଦା କବାଟ ତାଲା ଭାଙ୍ଗି ନେଇଯାଇଥିବା ପାଖ ଚାଷୀ ଦେଖି ଉକ୍ତ ପଞ୍ଚାୟତ ସଭ୍ୟମାନଙ୍କୁ ଖବର ଦେଇଥିଲେ। ଉକ୍ତ ମେସିନ ଚୋରି ଘଟଣା ସମ୍ପର୍କରେ ପାଣି ପଞ୍ଚାୟତ ତରଫରୁ ଗଁଦିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୂର୍ବରୁ ଉକ୍ତ ସ୍ଥାନରେ ବସାଯାଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ମଧ୍ୟ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଗଁଦିଆ ପୁଲିସ ପକ୍ଷରୁ ଉକ୍ତ ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରହିଛି।

## ଭୁଜାଲିରେ ହାଣି ଲୁଟିନେଲେ ମୋବାଇଲ, ଟଙ୍କା

**ହିନ୍ଦୋଳ,୨୦।୬ (ସମିସ):** କଣ୍ଟାବଣିଆ ଥାନା ଅନ୍ତର୍ଗତ ସଞ୍ଚପଡ଼ା ପଞ୍ଚାୟତ ନଣ୍ଡେଇଲ ଗ୍ରାମର ଜନୈକ ଯୁବକଙ୍କୁ କଙ୍କାଲୁ ଗାଁ ମୁଣ୍ଡରେ ଭୁଜାଲିରେ ହାଣି ମୋବାଇଲ ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ହିନ୍ଦୋଳ ବ୍ଲକ ସଞ୍ଚପଡ଼ା ଗ୍ରାମ ପଞ୍ଚାୟତର ନଣ୍ଡେଇଲ ଗ୍ରାମର ତ୍ରିପୁରା ନାଏକଙ୍କ ପୁଅ ନୃପ ନାଏକ (୨୩) ଏବଂ କନ୍ଦର୍ପ ନାଏକ କଙ୍କାଲୁ ଗାଁ ମୁଣ୍ଡରେ ଛିଡାହୋଇଥିବା ବେଳେ ୩ଜଣ ଯୁବକ ବାଇକ୍ ଯୋଗେ ଆସି ନୃପଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ନୃପଙ୍କ ଠାରୁ ମୋବାଇଲ ଫୋନ ଏବଂ ଟଙ୍କା ଛଡ଼ାଇ ନେଇଥିଲେ। ଏ ଘଟଣା ଦେଖି କନ୍ଦର୍ପ ଜୀବନ ବିକଳରେ ଘରକୁ ଦୌଡ଼ି ଯାଇ ଘର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପରିବାର ସଦସ୍ୟ ପହଞ୍ଚି ପୁଲିସକୁ ଜଣାଇବା ସହ ଆମ୍ବୁଲାନ୍ସ ଯୋଗେ ନୃପଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନୃପଙ୍କ ହାତ ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି। ଏପଟେ କଣ୍ଟାବଣିଆ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନୃପଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ରାସ୍ତା ନିର୍ମାଣ ପାଇଁ ୨ୟ ଦିନରେ ଗ୍ରାମବାସୀଙ୍କ ଆନ୍ଦୋଳନ

**ହିନ୍ଦୋଳ,୨୦।୬ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସିରେ ରାସ୍ତା ନିର୍ମାଣ ବନ୍ଦ ଯୋଗୁଁ ସ୍ଥାନୀୟ ଗ୍ରାମବାସୀଙ୍କ ଆନ୍ଦୋଳନ ଆଜି ୨ୟ ଦିନରେ ପହଞ୍ଚିଛି। ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲ ଓ ଏନଏସି କାର୍ଯ୍ୟାଳୟକୁ ଘେରଉ କରିଥିବା ଜଣାପଡ଼ିଛି। ହିନ୍ଦୋଳ ଏନଏସିରୁ ଆରମ୍ଭ ହୋଇଥିବା ୱାର୍ଡ ନଂ-୧୫, ମାଧପୁର, ଇଲିରିସିଙ୍ଗା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାଟି ଟେଣ୍ଡର ହୋଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ନିର୍ମାଣ ଆରମ୍ଭ ହେବାବେଳଠାରୁ ଆଲୁସିଂ ଗ୍ରାମ ନିକଟରେ ବିରୋଧ କରିଆସୁଛନ୍ତି କିଛି ସ୍ଥାନୀୟ ବ୍ୟକ୍ତି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଗତ ୧୦ ତାରିଖରେ ୭ଦିନ ମଧ୍ୟରେ ସ୍ଥାୟୀ ସମାଧାନ ପାଇଁ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତଦନୁଯାୟୀ ଦାବି ପୂରଣ ନହେବାରୁ କ୍ଷତିଗ୍ରସ୍ତ ଜନସାଧାରଣ ଗତକାଲିଠାରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ପୂର୍ବ ଲିଖିତ ଅଭିଯୋଗ ଅନୁଯାୟୀ ଅସନ୍ତୁଷ୍ଟ ହିନ୍ଦୋଳ ଏନଏସି ୧୫ନଂ ୱାର୍ଡ ଓ ମାଧପୁର, ଇଲିରିସିଙ୍ଗା ଓ ରସୋଳ ପଞ୍ଚାୟତର କ୍ଷତିଗ୍ରସ୍ତ ଶହଶହ ଜନସାଧାରଣ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲ ଓ ଏନଏସି ଅଫିସ ସମ୍ମୁଖୀନରେ ଧାରଣା ଜାରି ରଖିଛନ୍ତି। ସମସ୍ୟା ସମାଧାନ ସମ୍ପର୍କରେ



ଉପଜିଲ୍ଲାପାଳ ଓ ତହସିଲଦାର ଆସନ୍ତା ୨୧ ତାରିଖରେ ସରକାରୀ ରେକର୍ଡ ଥିବା ରାସ୍ତା ଚିହ୍ନଟ କରାଯିବ ବୋଲି ଜନସାଧାରଣଙ୍କୁ କହିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ରାସ୍ତା ସମସ୍ୟା ସମାଧାନ ହୋଇନି, ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯଦି ସରକାରୀ ରେକର୍ଡ ନାହିଁ, ତେବେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହେଲା କେମିତି ? ଯଦି ରେକର୍ଡ ରାସ୍ତା ଅଛି, ତେବେ ପ୍ରଶାସନ ସଠିକ ଭାବରେ କାହିଁକି ରାସ୍ତା ଚିହ୍ନଟ କରୁନାହାନ୍ତି ? କାହିଁକି ହଜାର ହଜାର ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉନି ? ପୂର୍ବରୁ ପ୍ରଶାସନର ସମାଧାନ ଉଦ୍ୟମ ଫେଲ ମାରିଥିବା ବେଳେ ଦେଖିବାକୁ ବାକି ରହିଲା ହିନ୍ଦୋଳ ପ୍ରଶାସନ ଏଥିପାଇଁ କ'ଣ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ତୁରନ୍ତ ମୌଳିକ ଆବଶ୍ୟକତାକୁ ରାଜ୍ୟ ସରକାର ଗୁରୁତର ସହ ବିଚାର କରି ନ୍ୟାୟ ପ୍ରଦାନ କରିବା ସହ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ନିରୀହ କ୍ଷତିଗ୍ରସ୍ତ ଜନସାଧାରଣ ସରକାରଙ୍କୁ ନିବେଦନ କରିଛନ୍ତି।

● ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷାଫଳ ପ୍ରକାଶିତ

## ପାସ୍ ହାର ୮୮.୧୩ %, ଗଣିତ ଏବଂ କେମିଷ୍ଟ୍ରିରେ ଶତପ୍ରତିଶତ

**ଢେଙ୍କାନାଳ, ୨୦।୬ (ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଚଳିତ ବର୍ଷ ସାମଗ୍ରୀକ ଭାବରେ ୮୮ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ଗଣିତ ଏବଂ ରସାୟନ ବିଜ୍ଞାନରେ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଚଳିତ ବର୍ଷ ବଟନୀର ଅଗ୍ରୱାଲ ମହବିଦ୍ୟାଳୟ ଟପ୍ପର ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୦ଟି ବିଭାଗର ପିଜି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଚଳିତ ବର୍ଷ ମୋଟ ୧୭୭ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୬ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବରରଖି ପାସ କରିଛନ୍ତି। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ଜଣ ଫେଲ ହୋଇଥିବା ବେଳେ ୧୧ ଜଣଙ୍କ ଫଳ ସ୍ଥଗିତ ରହିଛି ଓ ପାସ ହାର ୮୮.୧୩ ପ୍ରତିଶତ ହୋଇଛି। ଚଳିତ ବର୍ଷ ଉଦ୍ଭିଦ ବିଜ୍ଞାନରେ ମୋଟ ୩୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୭ଜଣ ପାସ କରିଥିବା ବେଳେ ୩ଜଣଙ୍କ ପରୀକ୍ଷା ଫଳ ସ୍ଥିତ୍ମ ରହିଛି ଓ



ଜଣେ ଫେଲ ହୋଇଛନ୍ତି। ପାସ ହାର ୮୭.୯% ରହିଛି। ସେହିପରି ରସାୟନ ବିଜ୍ଞାନରେ ମୋଟ ୧୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫ଜଣ ପାସ କରିଥିବାରବେଳେ ପାସ ହାର ଶତପ୍ରତିଶତ, ଗଣିତରେ ମୋଟ ୧୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ଜଣ ପାସ କରିଥିବା ବେଳେ ପାସ ହାର ଶତପ୍ରତିଶତ, ପଦାର୍ଥ ବିଜ୍ଞାନରେ ମୋଟ ୧୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ଜଣ ପାସ କରିଥିବା ବେଳେ ୧ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛ ୨ଜଣ ଫେଲ ଓ ପାସ ହାର ୮୦ ପ୍ରତିଶତ, ଅର୍ଥନୀତିରେ ମୋଟ ୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ଜଣ ପାସ କରିଥିବା ବେଳେ ୨ଜଣ ଫେଲ ହୋଇଛନ୍ତି। ପାସ ହାର୮୫.୭୧ ପ୍ରତିଶତ, ଇଂରାଜୀରେ ମୋଟ ୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯ ଜଣ ପାସ କରିଥିବା ବେଳେ ୧ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛି ଓ ପାସ ହାର ୯୦ ପ୍ରତିଶତ, ଇତିହାସରେ ମୋଟ ୨୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩ଜଣ ପାସ କରିଥିବା ବେଳେ ୩ଜଣଙ୍କର ପରୀକ୍ଷାଫଳ ସ୍ଥଗିତ ରହିଛି ଓ ୩ଜଣ ଫେଲ ହୋଇଛନ୍ତି। ପାସ ହାର୭୯.୩୧ ପ୍ରତିଶତ, ଓଡିଆରେ ମୋଟ ୧୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫ଜଣ ପାସ କରିଥିବା ବେଳେ ୧ଜଣଙ୍କ ପରୀକ୍ଷା ଫଳ ସ୍ଥଗିତ ରହିଛି, ପାସ ହାର ୯୩.୭୫ପ୍ରତିଶତ, ସାଇକୋଲୋଜିରୋ ମୋଟ ୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧ଜଣ ପାସ କରିଥିବା ବେଳେ ୧ଜଣଙ୍କ ପରୀକ୍ଷା ଫଳ ସ୍ଥଗିତ ରହିଛି ଓ ୨ ଜଣ ଫେଲ ହୋଇଛନ୍ତି। ପାସ ହାର ୩୩.୩୩%, ବାଣିଜ୍ୟ ବିଭାଗରେ ମୋଟ ୨୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୬ଜଣ ପାସ କରିଥିବା ବେଳେ ୨ଜଣଙ୍କର ପରୀକ୍ଷା ଫଳ ସ୍ଥଗିତ ରହିଛି ଓ ପାସ ହାର୯୨.୮୫% ରହିଛି। ଚଳିତ ବର୍ଷ ଉଦ୍ଭିଦ ବିଜ୍ଞାନରେ ମୀନାକ୍ଷୀ ଅଗ୍ରୱାଲ ବିଭାଗ ଏବଂ ମହାବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ରସାୟନ ବିଜ୍ଞାନରେ ଦୁର୍ଯ୍ୟୋଧନ ସାହୁ, ବାଣିଜ୍ୟ ବିଭାଗରେ ସତ୍ୟପ୍ରକାଶ ଜେନା, ଅର୍ଥନୀତିରେ ଶୁଭଶ୍ରୀ ଶୁଭସ୍ମିତା ମହାନ୍ତି, ଇଂରାଜୀରେ ଲକ୍ଷ୍ମୀପ୍ରିୟା ସାହୁ, ଇତିହାସରେ ରାଧାରାଣୀ ବେହେରା, ଗଣିତରେ ସୁପ୍ରିୟା ସାହୁ, ଓଡିଆରେ ବିକାଶ ପ୍ରଧାନ, ପଦାର୍ଥ ବିଜ୍ଞାନରେ ସୁଭାଷ ଚନ୍ଦ୍ର ପଣ୍ଡା ଓ ସାଇକୋଲୋଜିରେ ସୁପ୍ରିୟା ସାହୁ ଟପ୍ପର ହୋଇଛନ୍ତି।

### ଅଧ୍ୟାପିକା ହେବି ; ପିଜି ଟପ୍ପର ମୀନାକ୍ଷୀ



ଢେଙ୍କାନାଳ ମହାବିଦ୍ୟାଳୟ ପିଜି ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ବଟନୀର ମୀନାକ୍ଷୀ ଅଗ୍ରୱାଲ ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କ ପ୍ରତିକ୍ରୀୟାରେ ସେ କହିଛନ୍ତି ଯେ, ଏ ସଫଳତାର ଶ୍ରେୟ ହେଉଛନ୍ତି ତାଙ୍କ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଏବଂ ସର୍ବୋପରି ମହାବିଦ୍ୟାଳୟର ଅଧ୍ୟକ୍ଷ । ବିଭାଗ ତରଫରୁ ଉନ୍ନତ ମାନର ପାଠପଢ଼ା ସହିତ ପାୱାର ପଏଣ୍ଟ ମାଧ୍ୟମରେ ଶିକ୍ଷାଦାନ ସହିତ ପ୍ରାକ୍ଟିକାଲ ପାଇଁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ବିଭାଗୀୟ ମୁଖ୍ୟ ଏବଂ ଅଧ୍ୟକ୍ଷଙ୍କ ପ୍ରୋତ୍ସାହନ ଯୋଗୁ ସବୁକିଛି ସମ୍ଭବ ହୋଇପାରିଛି। ଜୀବନରେ ଜଣେ ଅଧ୍ୟାପକ ହେବାର ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

### ନିର୍ମାଣର ୬ ବର୍ଷ ପରେ ବି କାର୍ଯ୍ୟକ୍ଷମ ନୋହିଲା

# କେବେ ଖୋଲିବ ତାଳଚେର ମେଡିକାଲ୍ କଲେଜ

**ତାଳଚେର ସଦର, ୨୦।୬(ସମିସ)**

ରାଜ୍ୟରେ ନୂଆ ସରକାର ଗଠନ ହୋଇଛି। ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ତାଳଚେର ମେଡିକାଲ୍ କଲେଜ କୋଠା ଓ ବିଭିନ୍ନ ବିଭାଗର ଗୃହ ନିର୍ମାଣ ୬ ବର୍ଷ ହେଲା ଶେଷ ହୋଇଥିଲା ବେଳେ ଅଦ୍ୟାବଧି ଏହାକୁ କାର୍ଯ୍ୟକ୍ଷମ କରାଯାଇପାରିଲା ନାହିଁ। ତେବେ ନିର୍ବାଚନ ଫଳାଫଳ

- **ଖର୍ଚ୍ଚ ହୋଇଛି ପ୍ରାୟ ୫୦୦ କୋଟି**
- **ଛାତରେ ଅନାବନା ଗଛ, ମୁଖ୍ୟ ଫାଟକ ଭାଙ୍ଗିଲାଣି**



ଘୋଷଣା ପରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ସହିତ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ସରକାର ଗଠିତ ହୋଇଛି। ଫଳରେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଯୁଗ ଆରମ୍ଭ ହୋଇଛି। ଏହି ନୂତନ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ଏହି ମେଡିକାଲ୍ କଲେଜ ଖୋଲିବା ପାଇଁ ଉଦ୍ୟମ କରିବ ତ ? ଏହି ପ୍ରଶ୍ନ ଏବେ ଜନସାଧାରଣଙ୍କ ମନରେ ଉଙ୍କି ମାରିଛି। ତାଳଚେର ମେଡିକାଲ୍ କଲେଜ ହବ ହବ ବୋଲି ବିଭିନ୍ନ ସମୟରେ ଘୋଷଣା ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ମେଡିକାଲ୍ କଲେଜର କାର୍ଯ୍ୟକାରିତା ନେଇ ଅଞ୍ଚଳବାସୀ ଆଶଙ୍କାରେ ରହିଛନ୍ତି। ମେଡିକାଲ୍ କଲେଜର ମୁଖ୍ୟ ଫାଟକ ଭାଙ୍ଗିରୁଜି ଯାଇଥିଲା ବେଳେ କୋଠା ଛାତରେ ଅନାବନା ଗଛ ଉଠି ଛାତକୁ ଦୁର୍ବଳ କରିପକାଇଲାଣି। ଭିତରେ ଥିବା କୋଠାଘର ଏବଂ ବିଭିନ୍ନ ଶ୍ରେଣୀ ଗୃହରେ ଫାଟ ସୃଷ୍ଟି ହେଲାଣି ବୋଲି ଅଭିଯୋଗ ହେଉଛି। ମେଡିକାଲ୍ କଲେଜ ପରିସରରେ ଜଙ୍ଗଲ ସୃଷ୍ଟି ହୋଇଥିବାରୁ ସରୀସୃପମାନଙ୍କର ଏହା ଆଡ୍ଡାସ୍ଥଳ ପାଲଟିଛି। ଏହି ମେଡିକାଲ୍ କଲେଜ ରକ୍ଷଣାବେକ୍ଷଣ ଏବଂ ମରାମତି ହେଉ ନଥିବା ଯୋଗୁଁ ୬ ବର୍ଷର ନୂଆକୋଠା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରଥମେ ୨୦୨୦-୨୧ ଶିକ୍ଷାବର୍ଷଠାରୁ ୧୦୦ ସିଟ୍ ପାଇଁ ନାମଲେଖା ହେବା ସହିତ ରୋଗୀସେବା ଆରମ୍ଭ ହେବ ବୋଲି କୁହାଯାଇଥିଲା ବେଳେ ଏହା କେବଳ ଧୂଆଁବାଣ ହୋଇ ରହିଯାଇଛି। ତାଳଚେର କୋଇଲା ଖଣି ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲା ବେଳେ ବିଭିନ୍ନ କୋଇଲା ଖଣି ଯୋଗୁଁ ହଜାର ହଜାର ଗ୍ରାମବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଫଳରେ ଶ୍ରମିକ ତଥା କ୍ଷତିଗ୍ରସ୍ତ ଅଞ୍ଚଳବାସୀ କୋଇଲା ଖଣିର ଧୂଳି ଧୂଆଁ ଖାଇ ନାନା ରୋଗରେ ଆକ୍ରାନ୍ତ ହେବା ସହିତ ଏହି ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ବାରମ୍ବାର ଆନ୍ଦୋଳନ, ଦାବି କରାଯିବା ପରେ ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଡିକାଲ କଲେଜ ପାଇଁ ଜମି ଯୋଗାଇ ଦିଆଯାଇଥିଲା। ଏମ୍ସିଏଲ୍ ପକ୍ଷରୁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଏହି ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଏଠାରେ ୧୦୦ ସିଟରେ ଛାତ୍ରଛାତ୍ରୀ ପାଠ ପଢ଼ିବା ସହିତ ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଖୋଲିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପରିତାପର ବିଷୟ କଲେଜ ପାଇଁ କୋଠା ନିର୍ମାଣ ହୋଇଗଲା। ବାରମ୍ବାର ଦାବି ଫଳରେ ଏହାର ନାମ ପରିବର୍ତ୍ତନ କରାଯାଇ ପବିତ୍ର ମୋହନ ପ୍ରଧାନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ରଖାଗଲା। ପରବର୍ତ୍ତୀ ସମୟରେ ମେଡିକାଲ୍ କଲେଜ ବଦଳରେ ଏମ୍ସିଏଲ୍ର ସେଣ୍ଟ୍ରାଲ୍ ହସ୍ପିଟାଲ୍ ସ୍ଥାନକୁ ପବିତ୍ର ମୋହନ ସରକାରୀ ଚିକିତ୍ସାଳୟ ଭାବେ ନାମିତ କରି ପ୍ରାୟ ବର୍ଷେ ହେଲା ଚିକିତ୍ସା ସେବା ଚଳାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ କଲେଜ ଖୋଲିବାର ନାଁଗନ୍ଧ ଧରୁ ନାହିଁ। ତେବେ ନୂଆ ସରକାର ଆସିଲେ ତାଳଚେରର ଏହି ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ ଖୋଲିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବ ବୋଲି ଅଞ୍ଚଳବାସୀ ଚାହିଁ ରହିଥିଲା ବେଳେ ଏହା କେବେଠାରୁ କାର୍ଯ୍ୟକ୍ଷମ ହେବ, ତାହା ଦେଖିବାକୁ ବାକି ରହିଛି। ଏହି ମେଡିକାଲ୍ କଲେଜ ଖୋଲିଲେ ତାଳଚେର ସମେତ ଅନୁଗୋଳ ଜିଲ୍ଲାବାସୀ, ଢେଙ୍କାନାଳ, ଦେବଗଡ଼ ଓ ଅନ୍ୟ ଜିଲ୍ଲାର ଲୋକମାନେ ଉପକୃତ ହେବା ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶା କରାଯାଉଛି।



ବର୍ଷାରେ ଭିଜିଲା ଅନୁଗୋଳ ସହର(ଫଟୋ- ଚିକୁ)

## କାଳବୈଶାଖୀର ୨୦ ଦିନ ପରେ ବି ଉଠିଲାନି ବିପଦପୂର୍ଣ୍ଣ ଗଛ

**ଆଠମଲ୍ଲିକ ,୨୦।୬(ସମିସ):** ଗତ ମେ ୨୮ ତାରିଖ ରାତିରେ ହୋଇଥିବା କାଳବୈଶାଖୀରେ ଆଠମଲ୍ଲିକ ସହରର ଅନେକ ପୁରୁଣା ଗଛ ଭାଙ୍ଗିବା ଯୋଗୁଁ ବହୁତ ଘର, ବିଦ୍ୟୁତ ଖୁଣ୍ଟ, ବିଦ୍ୟୁତ ତାର ଛିଣ୍ଡି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ୨୪ ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ପ୍ରଶାସନ ତରଫରୁ ଗଛ କାଟିବା ସହିତ ବିଦ୍ୟୁତ ସରବରାହକୁ ସ୍ୱାଭାବିକ କରାଯାଇଥିଲେ ମଧ୍ୟ ୧୦ ନମ୍ବର ୱାର୍ଡର ଡାକ୍ତରଖାନା ସମ୍ମୁଖରୁ ବନ୍ଧସାହିକୁ ଥିବା ସଂଯୋଗୀକରଣ ରାସ୍ତାରେ ଏକ ବୃହତକାୟ ଲିମ୍ବ ଗଛ ମୂଳରୁ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ଗୃହ ଉପରେ ମାଡ଼ି ବସି ଲଟକି ରହିଛି । ସେହି ବାଟଦେଇ ବିଶେଷ କରି ଡାକ୍ତରଖାନାକୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବାରମ୍ବାର ଯିବାଆସିବା କରିଥାନ୍ତି । ଏ ବିପଦପୂର୍ଣ୍ଣ ଗଛକୁ କାଟି ଏହି ଗଳି ରାସ୍ତାଟିକୁ ସୁଗମ କରିବା ପାଇଁ ସ୍ଥାନୀୟ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଦାବି ଜଣାଇଥିଲେ ମଧ୍ୟ ୨୦ଦିନ ପରେ ମଧ୍ୟ ଯଥା ପୂର୍ବଂ ତଥା ପରଂ ସ୍ଥିତି ରହିଛି । ଆଉ ଅଳ୍ପଦିନ ପରେ ଆଗକୁ ରଥଯାତ୍ରା ଅନୁଷ୍ଠିତ ହେବାକୁଥିବା ବେଳେ ଉକ୍ତ ବୃହତକାୟ ଗଛଟି ବିଦ୍ୟୁତ ତାର ଓ ବିଦ୍ୟୁତ ଖୁଣ୍ଟ ଉପରେ ଲଦିହୋଇ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି । ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗଛକୁ କାଟି ସଫା କରିବାକୁ ସାଧାରଣରେ ଦାବି ହେଉଛି ।



## ଶ୍ୟାମାପ୍ରସାଦଙ୍କ ସ୍ମୃତି ଦିବସରୁ ବିଭିନ୍ନ କାର୍ଯ୍ୟକ୍ରମ

**ଅନୁଗୋଳ, ୨୦।୬ (ସମିସ):** ଅନୁଗୋଳ ଜିଲ୍ଲା ବିଜେପିର ଏକ ଜରୁରୀକାଳୀନ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପି ଅନୁଗୋଳ ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଜୁନ ୨୧ରୁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମତିଥି ଜୁଲାଇ ୬ ପର୍ଯ୍ୟନ୍ତ ବିଜେପି ଜିଲ୍ଲା ସ୍ତରରୁ ବୁଥ ସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟ ବିଜେପିର ପରାମର୍ଶ କ୍ରମେ ଜୁନ ୨୧ରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସକୁ ସମସ୍ତ ଶକ୍ତିକେନ୍ଦ୍ର ସ୍ତରରେ ପାଳନ କରାଯିବ। ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖ୍ୟର୍ଜୀଙ୍କ ବଳିଦାନ ଦିବସ ତଥା ସ୍ମୃତି ଦିବସ ଜୁନ ୨୩ ରେ ସମସ୍ତ ବୁଥ ସ୍ତରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁଲାଇ ୬ରେ ଶ୍ୟାମାପ୍ରସାଦଙ୍କ ଜନ୍ମ ଜୟନ୍ତୀ ସମସ୍ତ ବୁଥ ସ୍ତରରେ ପାଳନ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ପ୍ରଧାନ କହିଛନ୍ତି। ଆଜିର ଆଭାସି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର, ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ପ୍ରକାଶ ମହାରଣା ଓ ଭବାନୀ ଜ୍ୟୋତିଷରାୟ , ଅନୁଗୋଳ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଭକ୍ତି ପ୍ରସାଦ ଦାସ, ଜିଲ୍ଲା ସମ୍ପାଦକ ସମୋନାଥ ରାଉତ, ପ୍ରଭାତ ପ୍ରଧାନ, ପ୍ରଶାନ୍ତ ନନ୍ଦ, ଚିତ୍ତରଞ୍ଜନ ମେହେରଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ପନିପରିବା ଦର ଆକାଶଛୁଆଁ

**ବଇଣ୍ଡା, ୨୦।୬(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଏବେ ପନିପରିବା ଦର ଆକାଶଛୁଆଁ ହୋଇଛି। ପନିପରିବା ଦରରେ ନିୟନ୍ତ୍ରଣ ନଥିବା ଯୋଗୁଁ ଖାଉଟି ହନ୍ତସନ୍ତ ହେଉଛନ୍ତି। ବଇଣ୍ଡା ତଥା ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ପନିପରିବା ଚାଷ ହେଉଥିଲେ ମଧ୍ୟ ଏବେ ଦର ବଢୁଥିବାରୁ ଖାଉଟି ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଟମାଟୋ କେଜି ୮୦ ଟଙ୍କା ଥିବା ବେଳେ ପୋଟଳ କେଜି ୭୦ ଟଙ୍କା ରହିଛି। ଅନ୍ୟପଟରେ ଝୁଡ଼ଙ୍ଗ କେଜି ୬୦ ଟଙ୍କା , ସାରୁ କେଜି ୮୦ ଟଙ୍କା , କାଙ୍କଡ଼ କେଜି ୧୨୦ ଟଙ୍କା , ପିଆଜ ୪୦ ଟଙ୍କା ଦର ରହିଛି। ଯାହା ଫଳରେ ଗରିବ ଶ୍ରେଣୀର ଲୋକେ ପନିପରିବା ଦେଖି ଛାନିଆ ହେଉଛନ୍ତି। କିଛି ଅସାଧୁ ବ୍ୟବସାୟୀ ଏହି ଅଞ୍ଚଳରୁ ପନିପରିବା ସଂଗ୍ରହ କରି ଜିଲ୍ଲା ବାହାର ଅଞ୍ଚଳକୁ ଚାଲାଣ କରୁଥିବା ଯୋଗୁଁ ଦରବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଶ୍ୱ ସିକିଲସେଲ ସଚେତନତା ଦିବସ ପାଳିତ

**ବଇଣ୍ଡା, ୨୦।୬(ସମିସ):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଆନନ୍ଦମୁଣ୍ଡା ଗ୍ରାମରେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ସିକିଲସେଲ ସଚେତନତା ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ୱାର୍ଡମେମ୍ବର ଲିଲି ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ସୁପରଭାଇଜର ନାରାୟଣ ଦେହୁରି, ସରୋଜ କୁମାର ସାହୁ, ଅନିଲ କୁମାର ସାମଲଙ୍କ ସହ ଆଶା , ଅଙ୍ଗନବାଡ଼ି କର୍ମୀମାନେ ଯୋଗଦେଇ ଏହି କାର୍ଯକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମରେ ଏକ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଥିଲା। ଏଥିସହ ଗ୍ରାମରେ ସଭା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ପକ୍ଷରୁ ଆସିଥିବା କାର୍ଡଗୁଡିକ ବଣ୍ଟନ କରାଯାଇଥିଲା। ଏଥିରେ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।



## ନାଲ୍କୋ ନଗରରେ ସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ

**ନାଲକୋନଗର, ୨୦।୬(ସମିସ):** ନାଲକୋ ନଗର ଶ୍ରୀ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳନ ପାଇଁ ମନ୍ଦିର ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜିଉଙ୍କ ସ୍ନାନ ପୂର୍ଣ୍ଣିମାରେ ନିୟୋଜିତ ହେବାକୁ ଥିବା ସେବାୟତ, ପୂଜକ ଓ ମନ୍ଦିର ପ୍ରଶାସନ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ନାଲକୋ ଜଗନ୍ନାଥ ମନ୍ଦିର ସଭାପତି ଅମୀୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ସତ୍ୟବାଦୀ ମିଶ୍ର, ଯୁଗ୍ମ ସମ୍ପାଦକ ସୁଭେନ୍ଦୁ ନାୟକ, କୋଷାଧ୍ୟକ୍ଷ ମିହିର ରଥଙ୍କ ଉପସ୍ଥିତ ଥିଲେ। ସ୍ନାନ ପୂର୍ଣ୍ଣିମାରେ ସେବାୟତଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶ୍ରୀଜିଉଙ୍କ ସ୍ନାନ ପାଇଁ ସେବାୟତମାନେ ୧୦୮ ଗରା ସୁବାସିତ ଜଳ ଯୋଗାଇ ଦେଇଥାନ୍ତି। ତେବେ ଦେବସ୍ନାନ ପୂର୍ଣ୍ଣିମାରେ ଅଧିବାସ ଗୃହରୁ ସ୍ନାନ ମଣ୍ଡପକୁ ଜଳ ଆଣିବା କାର୍ଯ୍ୟକ୍ରମ ରହିଛି। ଭୋର ସକାଳ ୪ ଘଟିକା ସମୟରେ ସେଣାପଟା ବେଶ ଲାଗି ହେବ। ୫.୩୦ରେ ଗୋଟି ପହଣ୍ଡି କାର୍ଯ୍ୟକ୍ରମ ଥିବା ବେଳେ ମହାସ୍ନାନ ୧୦.୩୦, ମଧ୍ୟାହ୍ନ ଧୂପ ୧୨.୦୦, ସନ୍ଧ୍ୟା ୭ ଘଟିକାରେ ସନ୍ଧ୍ୟା ଆଳତି ହେବା ପରେ ଗଜାନନ ବେଶ ରାତ୍ରୀ ୮.୩୦ ଘଟିକା ସମୟରେ ଅଣସର ବିଜେ କରିବାର ସମୟ ନିର୍ଦ୍ଧାରିତ ହୋଇଛି।

## ନାଲ୍କୋ ନିର୍ଦ୍ଦେଶକଙ୍କ ସରସ୍ୱତୀ ବିଦ୍ୟାମନ୍ଦିର ପରିଦର୍ଶନ

ନାଲକୋ ନଗର ୨୦।୬(ସମିସ): ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିରକୁ ବୁଧବାର ନାଲକୋ ନିର୍ଦ୍ଦେଶକ (ସ୍ୱାଧୀନ) ଡ଼.ଶତରୁପା ସୌଜନ୍ୟ ମୂଳକଭାବେ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଡ.ଶତରୁପାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦ୍ୟାଳୟର ସ୍ମାର୍ଟ କ୍ଲାସକୁ ଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାୱାର ପଏଣ୍ଟ ମାଧ୍ୟମରେ ଶିକ୍ଷାଦାନ ଏବଂ ସ୍ମାର୍ଟ କ୍ଲାସର ବିଷୟ ଗୁଡିକ ଦେଖି ଡ..ଶତରୁପା ଉଚ୍ଚପ୍ରଶଂସା କରିଥିଲେ। ଆମର ଶାଶ୍ୱତ ଧର୍ମ, ସଂସ୍କୃତି, ନୀତି ଓ ପରମ୍ପରାକୁ ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ସ୍ଥାନ ଦିଆଯାଇଥିବାରୁ ଡ.ଶତରୁପା ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ପରିଦର୍ଶନ ବେଳେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ଅବଗତ ହୋଇ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର ଆଚାର୍ଯ୍ୟ କର୍ମଶାଳା

**ନାଲକୋ ନଗର,୨୦।୬(ସମିସ):** ଭାରତର ସ୍ୱଜାଗରଣ, ଭାରତୀୟ ଚିନ୍ତନ ଆଧାରରେ ଆଚାର୍ଯ୍ୟ ଜୀବନ ଶୈଳୀ, ସରଳ ଜୀବନ ଓ ଉଚ୍ଚ ବିଚାର, ବନ୍ଦନା ଓ ପାର୍ଥନା, ଜ୍ଞାନାର୍ଜନ ପାଇଁ କରଣଗୁଡିକର ବିକାଶ ସଂବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି, ଓଡ଼ିଶା ମଧ୍ୟସମ୍ଭାଗଙ୍କ ତତ୍ତ୍ୱାବଧାନରେ ସାମୂହିକ ଆଚାର୍ଯ୍ୟ କର୍ମଶାଳା-୨୦୨୪ ଚଳିତ ମାସ ୧୮ ତାରିଖରୁ ୨୦ତାରିଖ ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ନାଲକୋ ଜିଜିଏମ(କୋଲ ମାଇନ୍ସ) ତପନ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ।

ସଭାରେ ମଧ୍ୟସଂଭାଗ ସଂଯୋଜକ ମଧୁସୂଦନ ବାରିକ ଆଚାର୍ଯ୍ୟ କର୍ମଶାଳାର ଉଦ୍ଦେଶ୍ୟ କଥନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ସରୋଜ କୁମାର ହାତୀ (ସମ୍ପାଦକ ଶିକ୍ଷାବିକାଶ ସମିତି, ଓଡ଼ିଶା) ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଶତ୍ରୁଘନ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କର୍ମଶାଳାର ଉଦଯାପନୀ ସମାରୋହରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏସ ଆଣ୍ଡ ପି) ଅମୀୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଏମ (ଏଚଆରଡି) ପି.କେ.ସାହୁ, ଶିକ୍ଷାବିକାଶ ସମିତି ଓଡିଶା ,ସଭାପତି ଡ.କିଶୋର ଚନ୍ଦ୍ର ମହାନ୍ତି, ମୁଖ୍ୟ ବକ୍ତାଭାବେ ଶିକ୍ଷାବିକାଶ ସମିତି ପୂର୍ବ କ୍ଷେତ୍ର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଗଣଙ୍କ ମଧ୍ୟରେ ବିରଞ୍ଚି ନାରାୟଣ ମହାପାତ୍ର (ବିଭାଗ ନିରୀକ୍ଷକ ଅନୁଗୋଳ ବିଭାଗ),ବଳରାମ ସାହୁ(ଶାରୀରିକ ଶିକ୍ଷା ସଂଯୋଜକ), ଅଶ୍ୱିନୀ କୁମାର ନାୟକ(ବିଦ୍ୱତ ପରିଷଦ ସଂଯୋଜକ),ଗଣେଶ୍ୱର ପାତ୍ର(ବିଭାଗ ନିରୀକ୍ଷକ ଢେଙ୍କାନାଳ ବିଭାଗ) ,ବିପ୍ରଚରଣ ଦାଶ (ସହ ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ବିଦ୍ୟାମନ୍ଦିର ଅନୁଗୋଳ), ଗଣେଶ୍ୱର ପାତ୍ର, ଏସଭିଏମ ପରିଚାଳନା ସମିତି ସମ୍ପାଦକ ପ୍ରଭାତ କୁମାର ଧର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଏବଂ ପଣ୍ଡିତ ମହେଶ ସାହୁ (ବିଶ୍ୱହିନ୍ଦୁ ପରିଷଦ ରାଜ୍ୟ ସମ୍ପାଦକ) ପ୍ରବଚନ ଦେଇଥିଲେ। ସଂଯୋଜିକା କଲ୍ୟାଣୀ ମହାନ୍ତି, ସୁଶାନ୍ତ ତ୍ରିପାଠୀ ,ଚନ୍ଦ୍ରଶେଖର ବେହେରା, ବ୍ରହ୍ମାନନ୍ଦ ସାହୁ, ଶ୍ରୀବସ୍ତ କୁମାର ଖୁଣ୍ଟିଆ ,ସଂଯୁକ୍ତା ରଥ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଏସଭିଏମ ଉପାଧ୍ୟକ୍ଷା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆଚାର୍ଯ୍ୟ କର୍ମଶାଳା କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।




## ସରକାରୀ ଜମିରୁ ଶହ ଶହ ଟ୍ରିପ୍ ମୋରମ ଚାଲାଣ

**ବଇଣ୍ଡା ,୨୦।୬(ସମିସ)**

ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାପଘରା ପଞ୍ଚାୟତ ଖମାର ନିକଟରେ ଥିବା ସରକାରୀ ଜମି ଓ ପାହାଡ଼ ଅଞ୍ଚଳରୁ କିଛି ଦିନ ହେବ ବେଆଇନ ଭାବରେ ମୋରମ ଚାଲାଣ କରାଯାଉଛି। ଖମାରଠାରୁ ବାତ୍ରାଖୋଳ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନୂତନ ରାସ୍ତା ପାର୍ଶ୍ୱରେ ଥିବା ପାହାଡ଼କୁ କାଟି

- **ଜମି ଓ ପାହାଡ଼ ତାଡ଼ି ପକାଇଲେଣି**
- **ରାଜସ୍ୱ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ୍**



ଶହ ଶହ ଟ୍ରିପ୍ ମୋରମ ଚାଲାଣ କରାଯାଉଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଅସନ୍ତୋଷ ଦେଖାଯାଇଛି। ରାତି ଅଧରେ ମୋରମ ଚାଲାଣ କରାଯାଉଥିବା ବେଳେ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ବୁଧବାର ସାପଘରା ପଞ୍ଚାୟତର କିଛି ସାମଜିକ କର୍ମୀ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଉକ୍ତ ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ଯେ, ଏହି ଅଞ୍ଚଳରେ ଏବେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାକୁ ନୂତନ ଭାବରେ ସମ୍ପ୍ରସାରଣ କରାଯାଉଛି। ହେଲେ ଏହି ରାସ୍ତାଗୁଡିକରେ ଆବଶ୍ୟକ ପଡୁଥିବା ମୋରମ ଗୁଡିକ ପାଇଁ ଏବେ ପାହାଡ଼ ଉପରେ ଠିକାସଂସ୍ଥା ଆଖି ପକାଇଛନ୍ତି। ବିଶେଷ କରି ବେଆଇନ ଭାବରେ କିଛି ଠିକାଦାର ରାଜସ୍ୱ ବିଭାଗ ଠାରୁ ଅନୁମତି ନ ଆଣି ପ୍ରତ୍ୟେକ ଦିନ ରାତିରେ ସରକାରୀ ଜମି ସହ ପାହାଡ଼ଗୁଡିକରୁ ଜେସିବି ମେସିନ ସାହାଯ୍ୟରେ ଶହ ଶହ ଟ୍ରିପ ମୋରମ ନେଇ ରାସ୍ତାରେ ବ୍ୟବହାର କରୁଛନ୍ତି। ଏପରିକି ଏହି ଅଞ୍ଚଳରୁ ମୋରମ ହାଇୱା ମାଧ୍ୟମରେ ଅନୁଗୋଳ ବ୍ଲକ ଅଭିମୁଖେ ଚାଲାଣ କରାଯାଉଛି। ଜଙ୍ଗଲ ସମ୍ପଦ ଲୁଟ୍ କରାଯାଉଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। କିଛି ଠିକାଦାର ରାଜସ୍ୱ ବିଭାଗର କେତେକ ତଳିଆ କର୍ମଚାରୀଙ୍କୁ ହାତକରି ଏଭଳି ବେଆଇନ କାମ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ

# କଳାରେ ନମିତା, ବିଜ୍ଞାନରେ ଆର୍ଯ୍ୟନ ଏବଂ ବାଣିଜ୍ୟରେ ନିଶା ଟପ୍ପର

ଅନୁଗୋଳ, ୨୦।୬(ସମିସ)




ଗୁରୁବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତତିନି କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏନେଇ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରିନ୍ସିପାଲ ଡ. ନୀଳାଚଳ ପଟେଲ, ଡ. କାହ୍ନୁଚରଣ ପାଢ଼ୀ, କଣ୍ଟ୍ରୋଲର ଡ. ବସନ୍ତ କୁମାର ସାହୁ, ଡେପୁଟି କଣ୍ଟ୍ରୋଲର ଡ. ସ୍ମିତା ତପସ୍ୱିନୀ, ନୃସିଂହ ବେହେରା ଏବଂ ବରଦା ପ୍ରିୟଦର୍ଶିନୀ ତରାଇ ପ୍ରମୁଖ ଯୋଗଦେଇ ପରୀକ୍ଷା ଫଳ ପ୍ରକାଶ କରିଥିଲେ। ତେବେ କଳା ବିଭାଗରେ ନମିତା ପ୍ରଧାନ ୮.୫୫% ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ଆର୍ଯ୍ୟନ ସଂକେତ ସାହୁ ୯. ୫୫% ନମ୍ବର ଏବଂ ବାଣିଜ୍ୟରେ ନିଶା ୮. ୫୮% ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ବିବିଏ ରେ ସନ୍ଦୀପ ସାହୁ ୮.୪୩% ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବେଷ୍ଟ ଗ୍ରାଜୁଏଟ ଭାବେ ଆର୍ଯ୍ୟନ ସଂକେତ ସାହୁ ୯. ୫୫% ନମ୍ବର ରଖି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଏମଏରେ ପ୍ରୀତିପ୍ରଭା ମହାପାତ୍ର ୮. ୮୩% ନମ୍ବର, ଏମଏସସିରେ ସୋନାଲିଶା ମହାନ୍ତି ୯. ୫୦% ନମ୍ବର, ଏମ କମରେ ଅବଦୁଲ ଆହାଦ ୮. ୬୮% ନମ୍ବର ଏବଂ ସେଲ୍ଫ ଫାଇନାନ୍ସ ପିଜିରେ ସୁନିତା ବେହେରା ୮. ୬୪% ନମ୍ବର ରଖି ଟପ୍ପର ହୋଇଛନ୍ତି।

### ■ ନାହିଁ ନାହିଁରେ ଚାଲିଛି ପଞ୍ଚାୟତ ଉନ୍ନୟନ କାମ

## ୧୫ ପିଇଓଙ୍କୁ ୨୩ ପଞ୍ଚାୟତ ଦାୟିତ୍ୱ




କିଶୋରନଗର, ୨୦।୬(ସମିସ): କିଶୋରନଗର ବ୍ଲକର ୨୩ ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ ପଞ୍ଚାୟତ ନିର୍ବାହୀ ଅଧିକାରୀ ନ ଥିବାରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧାସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ, କିଶୋରନଗର ବ୍ଲକରେ ଏବେ ୧୫ ଜଣ ପିଇଓ ଦାୟିତ୍ୱରେ ଅଛନ୍ତି। ଜଣେ ଜଣେ ପିଇଓଙ୍କୁ ୨/୩ଟି ପଞ୍ଚାୟତ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। ଫଳରେ ପଞ୍ଚାୟତର ଅନେକ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ନିକଟରେ ଏହି ବ୍ଲକରେ ଥିବା ୬ ଜଣ ପିଇଓଙ୍କୁ ଜିଲ୍ଲାର ଅନ୍ୟ ବ୍ଲକକୁ ବଦଳି କରାଯାଇଥିବା ବେଳେ ଅନ୍ୟ ବ୍ଲକରୁ ୨ଜଣ ପିଇଓଙ୍କୁ ଏହି ବ୍ଲକକୁ ବଦଳି କରାଯାଇଛି। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଖାଲି ପଡ଼ିଥିବା ପିଇଓ ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି।

## ପମ୍ପ ପୋଡ଼ିଗଲା; ସୁଇମିଂ ପୁଲ୍ ଗରମ ପାଣିରେ ଗାଧୋଇଲେ ପ୍ରଶିକ୍ଷାର୍ଥୀ

**ଅନୁଗୋଳ, ୨୦।୬(ସମିସ):** ଗତ ରାତିରେ ଅନୁଗୋଳ ବିଜୁ ପଟ୍ଟନାୟକ ସନ୍ତରଣାଗାରର ୱାଟର ରୋଟେଟର ପୋଡ଼ିଯିବାରୁ ଆଜି ସନ୍ତରଣ ଶିଖୁଥିବା ପ୍ରଶିକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ରୋଟେଟର ପମ୍ପ ଚାଲିଲେ ପାଣି ପରିଷ୍କାର ରହିବା ସହ ନୂଆ ପାଣି ପଶି ପୁରୁଣା ପାଣିକୁ ଶୀତଳ କରାଏ। କିନ୍ତୁ ଆଜି ପମ୍ପକୁ ମରାମତି କରି କାମରେ ଲଗାଯାଇପାରି ନଥିଲା। ତେଣୁ ଗରମ ପାଣିରେ ଛୋଟ ଛୋଟ ପିଲାମାନେ ଗାଧୋଇଥିଲେ। ଏ ସମ୍ପର୍କରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ପମ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। କିନ୍ତୁ ଫିଟିଂ କରିବା ପାଇଁ ମିସ୍ତ୍ରୀ ସମୟ ନ ଦେବାରୁ ବିଳମ୍ବ ହେଉଛି। ଆଜି ରାତିସୁଦ୍ଧା ଫିଟିଂ କାମ ସାରିଦେବୁ।

## ଥର୍ମାଲ ରେଳଧାରଣାରେ ବୃଦ୍ଧାଙ୍କ ଖଣ୍ଡବିଖଣ୍ଡିତ ଶବ

**ତାଳଚେର ସଦର, ୨୦।୬(ସମିସ):** ତାଳଚେର ଟାଉନ ଥାନା ଅନ୍ତର୍ଗତ ଥର୍ମାଲ ରେଳଷ୍ଟେସନ ନିକଟରେ ରେଳଧାରଣାରେ କଟି ଜଣେ ବୃଦ୍ଧାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ବୃଦ୍ଧାଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ କିପରି ଓ କେଉଁ କାରଣରୁ ସେଠାକୁ ଯାଇ ମୃତ୍ୟୁବରଣ କଲେ, ଏହାର ଏପର୍ଯ୍ୟନ୍ତ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ତେବେ ଏଖବର ପ୍ରଚାରିତ ହେବାପରେ ସେଠାରେ ସ୍ଥାନୀୟ ଅଞ୍ଚଳବାସୀ ରୁଣ୍ଡ ହୋଇଥିଲେ। ଘଟଣାସ୍ଥଳକୁ ଏପର୍ଯ୍ୟନ୍ତ ତାଳଚେର ପୁଲିସ୍ ପହଞ୍ଚି ପାରିନାହିଁ ବୋଲି ସେଠାରେ ରୁଣ୍ଡ ହୋଇଥିବା ଲୋକଙ୍କ ନିକଟରୁ ଶୁଣିବାକୁ ମିଳୁଛି।

## ସାହାରାଗୁଡ଼ା ବେଆଇନ ଇଟାଭାଟି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ

**ଅନୁଗୋଳ,୨୦।୬(ସମିସ):** ବାନ୍ତଲା ଥାନା ସାହରାଗୁଡ଼ା ସୁନା ଭୂଇଁରେ ଦୀର୍ଘଦିନ ଧରି ବେଆଇନ ଇଟାଭାଟି ଚାଲିବା ଯେତିକି ଆଶ୍ଚର୍ଯ୍ୟଜନକ, ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ



କୁନ୍ଥକୁନ୍ଥ ହେବା ସେତିକି ରହସ୍ୟମୟ। ଏହି ଇଟାଭାଟି କେତେକ ମାଫିଆ କରିଥିବା ବେଳେ ସ୍ଥାନୀୟ କିଛି କୁଜି ନେତାଙ୍କୁ ହାତକରି ଏହି ବ୍ୟବସାୟ ଚଳାଇ ଆସୁଛନ୍ତି। ଏ ସମ୍ପର୍କରେ ବନ୍ତଳା ଆର୍ ଆଇ ଟୀକନ ବେହେରା କହିଛନ୍ତି ଯେ, ସେ ଗତ ସାତ ତାରିଖରେ ଘଟଣାସ୍ଥଳ ବୁଲିବାକୁ ଯାଇଥିଲେ। ଗତ ୧୨ ତାରିଖରେ ସେମାନଙ୍କୁ ନୋଟିସ କରାଯାଇଛି। ତହସିଲଦାର ଛୁଟିରେ ଅଛନ୍ତି। ଖୁବ୍ ଶୀଘ୍ର ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କଳାକାରଙ୍କୁ ମିଳିନି ପ୍ରାପ୍ୟ, ବିଡିଓଙ୍କୁ ଅଭିଯୋଗ



**ପାଲଲହଡ଼ା, ୨୦।୬(ସମିସ):** ପାଲଲହଡ଼ା ଉପଖଣ୍ଡର ସ୍ଥାନୀୟ କଳାକାରଙ୍କୁ କାମ କରାଇ ଅଧାପନ୍ତରିଆ ପାଉଣା ଦେଇ ଭୁଲିଯାଇଛି ପ୍ରଶାସନ। ଅଭିଯୋଗ ମୁତାବକ ଭୋଟରଙ୍କୁ ସଚେତନତା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ ପ୍ରଶାସନ ମାଧ୍ୟମରେ ପାଲଲହଡ଼ା ଅଞ୍ଚଳର ୨୭ ଛୋଟ ଛୋଟ ଲୋକ କଳାକାର ସଂଘକୁ ଦାୟିତ୍ୱ ଦିଆଯାଇଥିଲା। ଗାଁକୁ ଗାଁ ବୁଲି ପାଲା, ଦଣ୍ଡ, ଦାସକାଠିଆ ମାଧ୍ୟମରେ ଭୋଟରଙ୍କୁ ଭୋଟଦେବା ପାଇଁ ସେମାନେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମର ତଦାରଖ ପାଲଲହଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କରାଯାଉଥିଲା। ସମୁଦାୟ ୧୦ ଦିନ ବିଭିନ୍ନ ସ୍ଥାନରେ କଳା ପ୍ରଦର୍ଶନ କରିଥିଲେ ଏହି ୨୭ ଦଳ। କିନ୍ତୁ ବ୍ଲକ ପ୍ରଶାସନ ମାତ୍ର ୫ ଦିନର ପଇସା ଦେଇ ବାକି ପଇସା ଦେଉନାହାନ୍ତି। ଯାହାକୁ ନେଇ କଳାକାର ସଂଘ ପକ୍ଷରୁ ପାଲଲହଡ଼ା ବ୍ଲକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡ଼ାଙ୍କ ମତାମତ ଅନୁସାରେ ସରକାରୀ ଚିଠି ଅନୁଯାୟୀ ପ୍ରତ୍ୟେକ ଦଳକୁ ୪୫ ହଜାର ଟଙ୍କା ଲେଖାଏଁ ଦିଆଯାଇଛି, କିନ୍ତୁ ସେମାନେ ଅଧିକ ଦିନ ପ୍ରଦର୍ଶନ କରିଥିବାରୁ ଆମେ ଜିଲ୍ଲାପାଳଙ୍କୁ ଜଣେଇ ବକେୟା ଟଙ୍କା ଦେବାର ବ୍ୟବସ୍ଥା କରିବୁ ବୋଲି ସେ କହିଛନ୍ତି।

## ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ସମ୍ବର୍ଦ୍ଧନା



**ତାଳଚେର ସଦର,୨୦।୬(ସମିସ):** ଢେଙ୍କାନାଳ ନବନିର୍ବାଚିତ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଆଜି ତାଳଚେର ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ତାଙ୍କୁ ତାଳଚେର ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସାଂସଦ ଶ୍ରୀ ପାଣି ତାଳଚେର ହାଟତୋଟା ହନୁମାନ ମନ୍ଦିରରେ ଗୁରୁବାର ଅପରାହ୍ଣରେ ପହଞ୍ଚିଥିଲେ। ହନୁମାନ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ସାଂସଦଙ୍କୁ ବିଜେପି ପକ୍ଷରୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱାଗତ କରିବା ସହ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିକଶିତ ତାଳଚେର ପାଇଁ କାର୍ଯ୍ୟକରିବା ଲାଗି ସଙ୍କଳ୍ପ ନେବା ବୋଲି ସାଂସଦ ରୁଦ୍ର ନାରାୟଣ ପାଣି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ। ସାଂସଦ ଶ୍ରୀ ପାଣି ସେଠାରୁ ତାଳଚେର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା,ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ସରପଞ୍ଚ ସହଦେବ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା,ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ,ମଣ୍ଡଳ ସଭାପତି ରଜେନ୍ଦ୍ର ସିଂହ, ବରୁଣ ସାହୁ, ସତ୍ୟବନ୍ତ ସାହୁ, ଗୋପାଳ ସାହୁ, ଚୈତନ୍ୟ ପ୍ରଧାନ, ଯସ୍ମିନ ପ୍ରଧାନ, ପେସ୍କାର ଗଡ଼ନାୟକ, ବିରଞ୍ଚି ପାଣି, ବୁଲୁ ମିଶ୍ର, ଉଚ୍ଛନ୍ନ ପଟ୍ଟନାୟକ, ଅଖିଳ ସାମଲ, ଦୟାସାଗର ମିଶ୍ର, ଦୀପକ ଥମ୍ବ, ସଂକଳ୍ପ ସାହୁ, ପ୍ରଶାନ୍ତ ଦାସ, ଜିତେନ୍ଦ୍ର ଦାସ, ବିରଞ୍ଚି ସାହୁ, ନିରଞ୍ଜନ ପ୍ରଧାନ, ସୁନୀଲ ବିଶ୍ୱାଳ, କାଉନସିଲର ସ୍ୱାଧୀନ ଥମ୍ବ, ଅନିତା ବିଶ୍ୱାଳ ଓ ସନ୍ତୋଷ ବେହେରା, ଗୀତିଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମାଳମାଲ ଜାଲ୍ ଆଧାର କାର୍ଡ, ଘର ପଟ୍ଟା

**ତାଳଚେର ସଦର, ୨୦।୬(ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଏବେ ମାଲମାଲ କମ୍ପ୍ୟୁଟର୍ ଦୋକାନ ଖୋଲି ରାତାରାତି କୋଟିପତି ହେବା ଲକ୍ଷ୍ୟରେ ଜାଲ ଆଧାରକାର୍ଡ, ଘର ପଟ୍ଟା ଏବଂ ବେଆଇନ୍ ଅନ୍ୟାନ୍ୟ କାଗଜପତ୍ର ବନାଇ ଲୋକଙ୍କୁ ଭ୍ରମିତ କରି ନିଜର ସ୍ୱାର୍ଥ ହାସଲ କରି ଚାଲିଛନ୍ତି। ନିକଟରେ ଏଭଳି କାଣ୍ଡ ଭିଆଇ ତାଳଚେର ଅଞ୍ଚଳର କିଛି ଅସାଧୁ କମ୍ପ୍ୟୁଟର୍ ଦୋକାନୀ ଗିରଫ ହୋଇଥିବା ଘଟଣା ମନରୁ ନଲିଭୁଣୁ ପୁନଶ୍ଚ ଏହାର ପୁନରାବୃତ୍ତି ଘଟିଥିବା ଅଭିଯୋଗ ହେଉଛି। ପ୍ୟାନକାର୍ଡ, ଜମି ପଟ୍ଟା, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ଭୋଟର୍ ଆଇଡି, ବାର୍ଥ ସାର୍ଟିଫିକେଟ୍, ମୃତ୍ୟୁ ସାର୍ଟିଫିକେଟ୍, କାଷ୍ଟ ସାର୍ଟିଫିକେଟ୍ ଇତ୍ୟାଦି ହାଇଟେକ୍ ଫର୍ମୁଲାରେ ନକଲି ସରକାରୀ ଓ ବେସରକାରୀ କାଗଜପତ୍ର କରି କିଛି ଆସାଧୁ କମ୍ପ୍ୟୁଟର୍ ଦୋକାନୀ ରାତିଅଧିଆ ମାଲାମାଲ ହେଉଛନ୍ତି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ନିଜର ସ୍ୱାର୍ଥ ହାସଲ କରିବା ପାଇଁ ସରକାରୀ, ବେସରକାରୀ ଓ ବିଭିନ୍ନ କ୍ଷେତ୍ରରେ ଉକ୍ତ ନକଲି ସାର୍ଟିଫିକେଟ୍ ପ୍ରଦାନ କରି ନିଜର ଲକ୍ଷ୍ୟ ପୂରଣ କରିଥାନ୍ତି। ତେବେ ବାହାର ଅଞ୍ଚଳରୁ ବେପାର ବଣିଜ ପାଇଁ ତାଳଚେରକୁ ଆସି ନିଜର ଏହି ନକଲି ଆଧାର କାର୍ଡ ଓ ଘର ପଟ୍ଟା ଏବଂ ଅନ୍ୟ ପ୍ରମାଣପତ୍ର ଦେଇ ସ୍ଥାନୀୟବାସିନ୍ଦା କହି ତାଳଚେର ଟ୍ରକ ମାଲିକ ସଙ୍ଘରେ ପଞ୍ଜିକୃତ ହେବା ପାଇଁ କିଛି ବାହାର ଅଞ୍ଚଳର ଅସାଧୁ ଟ୍ରକ ମାଲିକ ଯୋଜନା କରୁଛନ୍ତି ବୋଲି କିଛି ଟ୍ରକ ମାଲିକ ଅଭିଯୋଗ କରିଛନ୍ତି। ସେହିପରି ତାଳଚେର ପରିବହନ କାର୍ଯ୍ୟାଳୟରେ ନିଜ ଟ୍ରକଗୁଡିକୁ ପଞ୍ଜିକୃତ କରି ଏହାର ଲାଭ ଉଠାଉଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ଟ୍ରକ ମାଲିକ ଏପ୍ରକାର ସମସ୍ୟାକୁ ନେଇ ଲୋଡିଂ ସମୟରେ ହଇରାଣ ହରକତ ହେଉଥିବା ମଧ୍ୟ ଦେଖିବାକୁ ମିଳିଥାଏ। ତେବେ ଏଦିଗରେ ପ୍ରଶାସନ ପକ୍ଷରୁ ଏହାର ବିଧିବଦ୍ଧ ତଦନ୍ତ କରି କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**● ପ୍ରଶାସନ ପକ୍ଷରୁ ବିଧିବଦ୍ଧ ତଦନ୍ତ ଦାବି**

# ବିକ୍ରି ହେଉଥିବା ପାଣି ବୋତଲର ମାନ ଯାଞ୍ଚ ଲାଗି ଦାବି



**ତାଳଚେର ସଦର, ୨୦।୬(ସମିସ):** ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ସମୟରେ ସମସ୍ତେ ଥଣ୍ଡା ଜଳ ଟିକେ ପିଇବାକୁ ଖୋଜିଥାନ୍ତି। ଖରାଦିନେ ଥଣ୍ଡାପାଣିର ଅଧିକ ଚାହିଦା ରହିଥାଏ। ଚା'ଦୋକାନ ଠାରୁ ଆରମ୍ଭ କରି ତେଜରାତି ଦୋକାନ ପର୍ଯ୍ୟନ୍ତ ସବୁଠାରେ ଏହି ଥଣ୍ଡା ପାନୀୟଜଳ ବିକ୍ରି ହେଉଛି। ୩ଶହ ମିଲି ପାଣି ବୋତଲର ମୂଲ୍ୟ ୫ଟଙ୍କାରେ ମିଳୁଥିବା ବେଳେ ୫ଶହ ମିଲି ବୋତଲକୁ ୧୦ଟଙ୍କା ଏବଂ ୧ଲିଟର୍ ପାଣିବୋତଲର ମୂଲ୍ୟ ୨୦ଟଙ୍କାରେ ବିକ୍ରି ହେଉଛି। ତେଣୁ ସମସ୍ତେ ଏହି ପ୍ରାୟ ଏହି ବୋତଲ ପାଣିକୁ ବ୍ୟବହାର କରୁଛନ୍ତି। ଏହା ସହିତ ସଭା, ସମିତି, ବିବାହ, ବ୍ରତ ଓ ଯେକୌଣସି ସାମାଜିକ ଉତ୍ସବ କାର୍ଯ୍ୟକ୍ରମରେ ଏହି ପାଣି ବୋତଲକୁ ଗୁରୁତ୍ୱ ଦିଆଯାଉଛି। ଏବେ ଯେକୌଣସି ଭୋଜନାଳୟକୁ ଗଲେ ସମସ୍ତେ ଏହି ଉପାୟ ଅବଲମ୍ବନ କରୁଛନ୍ତି। ସହରରେ ଏବେ ବିଭିନ୍ନ କମ୍ପାନୀର ମାଳମାଳ ପାଣି ବୋତଲ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। କେତେକ କମ୍ପାନୀ ନାମୀଦାମୀ କମ୍ପାନୀର ମାର୍କାକୁ ନକଲ କରି କିମ୍ବା ସେମିତି ଦେଖାଯାଉଥିବା ଭଳି ନିଜ ଚିହ୍ନ ବା ଲୋଗୋ କରି ବୋତଲ ଷ୍ଟିକର ଲଗାଇ ବିକ୍ରି କରୁଛନ୍ତି। ଏହିପରି ପାଣି ପ୍ରସ୍ତୁତକାରୀ କମ୍ପାନୀ ଦୋକାନଙ୍କୁ ଅଧିକ ରିହାତି ଦେଉଛନ୍ତି। ତେବେ ଏହି ପାଣି ସ୍ୱାସ୍ଥ୍ୟପକ୍ଷେ କେତେ ହିତକର ଯାଞ୍ଚ କରାଯାଉ ନାହିଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଘରେ ଘରେ ଏଭଳି ପାଣି ପ୍ରସ୍ତୁତିର ବେପାର ଚାଲିଛି। ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣଭାବେ ଚୁପ ରହିଥିବା କୁହାଯାଉଛି। ଅନ୍ୟପକ୍ଷରେ ପାଣି ବୋତଲର ବୈଧତା କେତେଦିନ ପର୍ଯ୍ୟନ୍ତ ରହିବ, ତାହା ମଧ୍ୟ ଉଲ୍ଲେଖ କରାଯାଉ ନାହିଁ, ସୂଚନା ଅନୁସାରେ ବୋତଲର ପାଣି ପାଇଁ କିଛି ନିର୍ଦ୍ଦିଷ୍ଟ ପରୀକ୍ଷା ପରୀକ୍ଷା ବ୍ୟବସ୍ଥା ରହିଛି। କିନ୍ତୁ ଅନେକ କମ୍ପାନୀ ଉକ୍ତ ପ୍ରକ୍ରିୟାକୁ ଅନୁସରଣ କରୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କେବଳ ଯେଉଁ କମ୍ପାନୀ ବିରୁଦ୍ଧରେ ଅଭିଯୋଗ ଆସୁଛି, ସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ସେଠାରେ ପହଞ୍ଚି ମାନ ଯାଞ୍ଚ କରିବାକୁ ପାଣିନେଇ ଆସି ଦାୟିତ୍ୱ ସାରିଥାନ୍ତି। ପାଣି କମ୍ପାନୀ କେଉଁ ସ୍ଥାନରେ ରହିଛି, ପରିବେଶ କିପରି ଅଛି, ପାଣି ଯନ୍ତ୍ରାଂଶ ବ୍ୟବହାର କରାଯାଉଛି କେବେଠାରୁ, ଅନୁମତି ମିଳିଛି କି ନାହିଁ ଆଦି ଦିଗକୁ ଯାଞ୍ଚ କରାଯାଉ ନାହିଁ। ଏଭଳି କୋଇଲା ନଗରୀ ତାଳଚେରରେ ବିଭିନ୍ନ କୋଣ ଅନୁକୋଣରେ ଏପରିକି ପାଣି କାରଖାନା କରି ବଜାରକୁ ସପ୍ଲାଇ ଦେଉଛନ୍ତି। ଦ୍ରୁହଡ଼ଦ୍ରୁହ ଟାଣ ଖରାରେ ଶୋଷ ମେଣ୍ଟାଇବାକୁ ପାଣି ଖୋଜୁଥିବା ଲୋକେ ନିରୁପାୟ ହୋଇ ଏହି ପାଣି ବୋତଲକୁ କ୍ରୟ କରିଥାନ୍ତି। ଗ୍ରାହକମାନେ ଭାବି ନିଅନ୍ତି ଯେ, ବୋତଲ ପାଣି ସ୍ୱଚ୍ଛ ଓ ସ୍ୱାସ୍ଥ୍ୟ ପାଇଁ ହିତକାରକ କାରଣ ଏହା ସରକାରଙ୍କ ଅନୁମୋଦନକ୍ରମେ ଚାଲୁଛି। ସେହିଭଳି ଆଜିକାଲି ବିଭିନ୍ନ କିସମର ଶୋଢ଼ା ବୋତଲ, ଜାରକିନ୍ ପାଣି ଏବଂ ନନବ୍ରାଣ୍ଡର ପାଣି ବୋତଲ ବଜାରେ ଉପଲବ୍ଧ ହେଉଥିବା ଦେଖିବାକୁ ମିଳିଛି। ଖରାଦିନ ସରିବାକୁ ବସିଥିଲେ ମଧ୍ୟ ଏଠାରେ କୌଣସି ଦିନ ସ୍ଥାନୀୟ ପ୍ରଶାସନ ଓ ଖାଦ୍ୟ ନିରାପତା ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଇ ନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। ତେଣୁ ଏହାର ମାନ ଯାଞ୍ଚ କରିବାକୁ ସଚେତନ ନାଗରୀକମାନେ ଦାବି କରିଛନ୍ତି।

## ନାଲ୍‌କୋ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ନାଲକୋ ନଗର, ୨୦।୬(ସମିସ):** ନାଲକୋ ନଗର ଜଗନ୍ନାଥ ମନ୍ଦିରର ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୩ଦିନ ଧରି ୩୩ତମ ପ୍ରତିଷ୍ଠା ଉତ୍ସବ ପାଳିତ ହେଉଛି। ବୁଧବାର ଅଧିବାସ କାର୍ଯ୍ୟ ଶେଷ ହୋଇଥିଲା। ଗୁରୁବାର ପ୍ରାତଃ ୫.୩୦ମିନିଟରୁ ଶୁକ୍ରବାର ପ୍ରାତଃ ୫.୩୦ ମିନିଟ ସମୟ ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଓ ଅଷ୍ଟପ୍ରହର ନାମଯଜ୍ଞ ଚାଲିବ। ଆଜି ମନ୍ଦିର ପ୍ରାଙ୍ଗଣରେ ୧୫ଟି ଦଳ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ। ଆଖପାଖ ବଇଣ୍ଡା, ଆଠଗଡ଼, କାଙ୍ଗୁଲା, ବନ୍ଧା, ଝଜିରୀ, ଅମାନ୍ତପୁର, ବଳରାମ ପ୍ରସାଦ, ନାଲକୋ ନଗରରରୁ ଆସି ନାମ ସଙ୍କିର୍ତ୍ତନ କରିଥିଲେ। ମୁଖ୍ୟ ପୂଜକ ବାବାଜୀ କୀର୍ତ୍ତନ ଦାସ ପୂଜାର ସମସ୍ତ ବିଧି କରିଥିଲେ। କର୍ତ୍ତାଭାବେ ଆଶିଷ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ନାଲକୋ ନଗର ଦିବ୍ୟଶ୍ୱେତ କ୍ଷେତ୍ର ପରିସରରେ ଥିବା ଆନନ୍ଦ ବଜାରଠାରେ ନାଲକୋ ନଗର ତଥା ଆଖପାଖ ଅଞ୍ଚଳର ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ଅମୀୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହେଉଛି। ଶୁକ୍ରବାର କଲୋନୀ ପରିସରରେ ନଗର କୀର୍ତ୍ତନ ଅନୁଷ୍ଠିତ ହେବ। ଶନିବାର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ସ୍ନାନ ମଣ୍ଡପରେ ସକାଳ ୧୦.୩୦ ମିନିଟରେ ତିନି ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପ୍ରକାଶ କରିଛି।



### ତାଳଚେର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସାରିବା ଉପରେ ଗୁରୁତ୍ୱ

ତାଳଚେର ସଦର, ୨୦।୬(ସମିସ)

**● କର୍ଡନ ଭିତରକୁ ଭିଆଇପି ମନା**



ତାଳଚେରରେ ପ୍ରସିଦ୍ଧ ରଥଯାତ୍ରା ପାଳନ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ରଥଯାତ୍ରା ପାଳନ କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଚଳିତ ରଥଯାତ୍ରା କିପରି ସୁଚାରୁରୂପେ ପାଳନ କରାଯିବ, ସେଥିନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରଥ ନିର୍ମାଣ କାର୍ଯ୍ୟ ପାଇଁ କାଠର ଆବଶ୍ୟକତା ଉପରେ ମୁଖ୍ୟ ମହାରଣା ସନାତନ ମହାରଣା ଓ ଭାଗୀରଥି ମହାରଣାଙ୍କ ପରାମର୍ଶ କ୍ରମେ କାଠର ବ୍ୟବସ୍ଥା କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ରଥ ପ୍ରକାଶ କରିଥିଲେ। ସେହିପରି ବିଦ୍ୟୁତ ବିଭାଗ ବିଦ୍ୟୁତ ସରବରାହ, ପାନୀୟ ଜଳ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗ ରାସ୍ତା, ଆଲୋକ, ଡ୍ରେନ୍ ଓ ପରିଷ୍କାର ପରିଚ୍ଛନ୍ନ ପାଇଁ ତାଳଚେର ପୌର ପରିଷଦକୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳା ପାଇଁ ରଥ ଚତୁଃପାର୍ଶ୍ୱରେ କର୍ଡନ ବ୍ୟବସ୍ଥା, ଇନର ଓ ଆଉଟର ଦୁଇଟି ପର୍ଯ୍ୟାୟରେ କର୍ଡନ କରାଯାଇ ପ୍ରଥମ କର୍ଡନରେ କେବଳ ସେବକମାନେ ରହି ସେମାନଙ୍କ ସେବା କାର୍ଯ୍ୟ ତୁଲାଇବେ। ଆଉ ସମସ୍ତେ ଭକ୍ତଙ୍କ ସହ ମିଶି ରଥ ଟଣା କାର୍ଯ୍ୟରେ ସାମିଲ ରହିବେ। ଏହିସବୁ ବ୍ୟବସ୍ଥା ପାଇଁ ନଗରପାଳ ପବିତ୍ର ଭୁତିଆଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ଅନୁଧ୍ୟାନ କରି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଛଡା ପାର୍କିଂ ପାଇଁ, ରଥଯାତ୍ରା ସମୟରେ ମଦୁଆଙ୍କୁ ସାବାଡ଼ କରିବା, ଏଣେତେଣେ ଗାଡ଼ି ପାର୍କିଂ ନ କରିବା ମୋଟର ଯାନକୁ ଭିତରକୁ ନ ଛାଡିବା ପାଇଁ ତାଳଚେର ସଦର ପୁଲିସକୁ ଦାୟିତ୍ୱ ଦିଆଯାଇଥିଲା। ଏଥିସହ ରଥଯାତ୍ରା ପାଇଁ ଆନୁସଙ୍ଗିକ ଅର୍ଥ ବ୍ୟବସ୍ଥା ପାଇଁ ରଥ କମିଟିର ସଭାପତି ନିଜେ କିଛି ବଦାନ୍ୟ ଶିଳ୍ପ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରି କିପରି ରଥ ନିର୍ମାଣ ପାଇଁ ଖର୍ଚ୍ଚର ବ୍ୟବସ୍ଥା କରାଯିବ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ ନଗରପାଳ ପବିତ୍ର ଭୁତିଆ, ଉପ ନଗରପାଳ ତାଳଚେର ଏସଡିପିଓ ମାନସ ରଞ୍ଜନ ବାରିକ, ତହସିଲଦାର ଡ. ରୋଜାଲିନ ବେହେରା, ତାଳଚେର ପୌର ନିର୍ବାହୀ ଅଧିକାରୀ ବଳୟ, ବିଡିଓ ଚିନ୍ମୟୀ ଚେତନା ଦାସ, ଦେହୁରୀ, ରାଜକୁମାର ବିଜୟେନ୍ଦ୍ର ଚନ୍ଦ୍ର ଦେବ, ଦେବତ୍ତର ବିଭାଗ ମୁଖ୍ୟ ପଙ୍କଜ ଲୋଚନ ପତି, ତାଳଚେର ଥାନା ଅଧିକାରୀ ଦିଗ୍ୱି ବିଜୟ ବିଶ୍ୱାଳ, ଟ୍ରକ ମାଲିକ ସଙ୍ଘ ସଭାପତି ଅରବିନ୍ଦ ଭୁତିଆ, ବରିଷ୍ଠ ସାମ୍ବାଦିକ ତପନ ମହାରଣା, ବିକାଶ ସାହୁ, ରଶ୍ମିରଞ୍ଜନ ମିଶ୍ର, ଦେବୀ ମିଶ୍ର, ପୂର୍ବତନ ନଗରପାଳ କେଶବ ଭୁତିଆ, ସଂଜୀବ ପଟ୍ଟନାୟକ, ବାବୁନି ସ୍ୱାଇଁ, ବରିଷ୍ଠ ଓକିଲ ପେସ୍କାର ଗଡନାୟକ, ତାଳଚେର ପୌର ପରିଷଦର କାଉନସିଲର, ପୂର୍ବତନ କାଉନସିଲର ପ୍ରଶାନ୍ତ ଦାସ, ରୋହିତ ବେହେରା ଜଙ୍ଗଲ ବିଭାଗର ସୁକାନ୍ତି ଦେଇ, ପୌରପାଳିକା ମୁଖ୍ୟ ସହାୟକ ଚିତ୍ତରଞ୍ଜନ ପ୍ରଧାନଙ୍କ ସହିତ ସମସ୍ତ ବିଭାଗିଆ ଅଧିକାରୀ କର୍ମଚାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଆଲୋଚନାରେ ଭାଗ ନେଇଥିଲେ। ତେବେ ରଥଯାତ୍ରା ପୂର୍ବରୁ ଆଉ ଏକ ବୈଠକ ବସି ପୂର୍ଣ୍ଣାଙ୍ଗ କାର୍ଯ୍ୟପନ୍ଥା ନେଇ ଚୂଡ଼ାନ୍ତ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଗାଁକୁ ଗିଳୁଛି ନଦୀ

# ଦେବୀ ଆଁରେ ଓସକଣା ଓ ଭଣ୍ଡିସାହି





**ଜଗତସିଂହପୁର,୨୦।୬(ସମିସ):** ଏକଦା ନଦୀ କୂଳିଆ ଗାଁ ଗୁଡିକ ପାଇଁ ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ନଦୀ ବରଦାନ ପାଲଟିଥିବାବେଳେ ଏବେ ସେହି ନଦୀ ଗୁଡିକ ବିଭିନ୍ନ କାରଣରୁ ଲୋକଙ୍କ ଦୁଃଖ ଓ ବିପଦର କାରଣ ସାଜିଛି। କେବଳ ବନ୍ୟା ବିଭୀଷିକା ନୁହେଁ , ବରଂ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳକୁ ନଦୀ ସ୍ରୋତ ପ୍ରତିବର୍ଷ ଖାଇ ଚାଲିଥିବାରୁ ଏହା ସ୍ଥାନୀୟ ଅଞ୍ଚଳ ପାଇଁ ଚିନ୍ତାର କାରଣ ପାଲଟିଛି। ଜଗତ୍‌ସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ଦେବୀ ନଦୀର ପଠାରୁ ଏବେ ବଡ ବଡ ଅତଡା ଖସିବାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଦକ୍ଷୀଣା ପବନ ଓ ଜୁଆର ମାଡରେ ନଦୀପଠାରୁ ବାରମ୍ବାର ଅତଡା ଖସିବାରେ ଲାଗିଛି। ଉପକୂଳର ପ୍ରାୟ ୫୦ ଫୁଟ ସମତଳ ଅଞ୍ଚଳ ନଦୀ ଖାଇସାରିଛି ବୋଲି ଲୋକମାନେ ପ୍ରକାଶ କରିଛନ୍ତି। ଗ୍ରାମର ପ୍ରାୟ ଦୁଇଶହ ପରିବାର ନିଜ ଭିଟାମାଟି ଉଜୁଡିଯିବାକୁ ନେଇ ଏବେ ଚିନ୍ତାରେ।

ଦେବୀ ନଦୀର ମାଛଗାଁଠାରୁ ଶିଖର ସେତୁ ଦେଇ ବନ୍ୟା ଦାଉରୁ ନଦୀପଠା, ରାସ୍ତା ଓ ଧନଜୀବନର ସୁରକ୍ଷା ପାଇଁ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ପଥର ବୁରୁଜ ନିର୍ମାଣ ସହିତ ନଦୀ ବନ୍ଧକୁ ସୁରକ୍ଷା ଦେବାକୁ ସ୍ପର ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣ କରାଯାଇଥିବା ବୁରୁଜ ମଧ୍ୟରୁ ଅନେକ ନଦୀ ସ୍ରୋତଦ୍ୱାରା ଅବକ୍ଷୟ ଘଟିଥିବାରୁ ଏହା ନଦୀଉପକୂଳ ପଠା ବା ସ୍ଥଳଭାଗକୁ ସୁରକ୍ଷା ଦେଇପାରୁନଥିବା ଅଭିଯୋଗ ହେଉଛି। ଜଗତସିଂହପୁର ଜିଲ୍ଲା ଓଷକଣା ସହିତ ପୁରୀ ଜିଲ୍ଲା ଭଣ୍ଡିସାହିର ସୀମାନ୍ତରେ ଦେବୀ ନଦୀ ଅତଡା ଖାଇଚାଲିଛି।

ନାଉଗାଁ ବ୍ଲକ ଦେଇ ପ୍ରବାହିତ ଦେବୀ ନଦୀର ଶିଖର ସେତୁ ନିକଟରୁ କୋରୁଅ ପଞ୍ଚାୟତର ତେଲସରା ଗ୍ରାମ ମଧ୍ୟରେ ୧୦ରୁ ଅଧିକ ସ୍ପର ବା ପଥର ବୁରୁଜ ରହିଛି। ଜଳ ସମ୍ପଦ ବିଭାଗର ଅଲଣାହାଟ ଓ ବାଲିକୁଦା ଡିଭିଜନ ପକ୍ଷରୁ ବନ୍ୟା ସମୟରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ନିର୍ମିତ ହୋଇଥିବା ଏହି ସ୍ପର ବା ପଥର ବୁରୁଜର ନିମ୍ନମାନର କାର୍ଯ୍ୟ ଯୋଗୁ ବିପଦସଂକୁଳ ହୋଇପଡିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ସେହିପରି ପ୍ରତି ବର୍ଷ ପ୍ରଶାସନ କିଛି ବାଲିବସ୍ତା ଓ ବହ୍ଲା ସାହାର୍ଯ୍ୟରେ ଏହାର ମରାମତି କାର୍ଯ୍ୟ ଶେଷ କରିଦେଉଥିବା ସମୟରେ ଓଷକଣା ଓ ଭଣ୍ଡିସାହି ବନ୍ୟା ସମୟରେ ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ଓ ଏଠାରେ ନଦୀ ପଠା ଖାଉଥିବାରୁ ଏକାଧିକ ବୁରୁଜ ମରାମତି ହେବାର ଆବଶ୍ୟକତା ରହିଛି।

ଏ ସମ୍ପର୍କରେ ଯଶୋବନ୍ତ ସ୍ୱାଇଁ କୁହନ୍ତି, ବର୍ଷସାରା ବିଭାଗ ପକ୍ଷରୁ ବୁରୁଜ ମରାମତି, ଗାର୍ଡୱାଲ ନଦୀବନ୍ଧ ସୁରକ୍ଷା କାମ ଚାଲୁଛି। କିନ୍ତୁ ସଠିକ୍ ମାର୍ଗରେ କାର୍ଯ୍ୟ ହେଉନାହିଁ। ଭଣ୍ଡିସାହି ଓ ଓଷକଣାର ବିପଦପୂର୍ଣ୍ଣ ସ୍ଥାନ ଜଳସମ୍ପଦ ବିଭାଗର ମାନଚିତ୍ରରେ ରହିଥିବା ବେଳେ ଫନୀ ବାତ୍ୟା ସମୟରୁ କ୍ଷୟକ୍ଷତି ହୋଇଥିବା ପଥର ବୁରୁଜ ପ୍ରତି ବିଭାଗର ନିଘା ନାହିଁ। ସେହିପରି ସଠିକ୍ ଭାବରେ କାର୍ଯ୍ୟ ହେଉ ନଥିବାରୁ ଗତ ତିନିବର୍ଷ ତଳେ ନିର୍ମାଣ ହୋଇଥିବା ଭଣ୍ଡିସାହି ଠାରେ ୬୨ ଲକ୍ଷ ଟଙ୍କାର ପଥର ବୁରୁଜ ଦବିଯାଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭଣ୍ଡିସାହି ଅଞ୍ଚଳ ସହିତ ନାଉଗାଁ, ବାଲିକୁଦ,କାକଟପୁର ଅଞ୍ଚଳର ଜନସାଧାରଣଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଦେବାପାଇଁ ଏହି ଅଞ୍ଚଳରେ ପଥର ବୁରୁଜ ନିର୍ମାଣ ହୋଇଛି। କିନ୍ତୁ ବର୍ତ୍ତମାନ ଏହା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କୃଷ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି। ତେବେ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅଞ୍ଚଳର ଏହି ସମସ୍ୟା ପ୍ରତି ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ସେ ପଦକ୍ଷପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଓଷକଣା ସରପଞ୍ଚ ନାରାୟଣ ସ୍ୱାଇଁ, ସମିତିସଭ୍ୟା ଜୟନ୍ତୀ ଭୋଇ କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିବାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକଙ୍କୁ ପଚାରିବାରୁ କୁହନ୍ତି, ଦେଢମାସ ତଳେ ଗ୍ରାମବାସୀଙ୍କ ଅଭିଯୋଗ ପାଇ ସ୍ଥାନୀୟ ଅଞ୍ଚଳ ବୁଲି ଦେଖିଥିଲି। ନିର୍ବାଚନ ଆଚରଣବିଧି ଥିବାରୁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିନାହିଁ। ତେବେ ଆଗକୁ ସେଠାରେ ପଥର ପ୍ୟାକିଂ କରାଯାଇ ସୁରକ୍ଷିତ ଅବସ୍ଥାକୁ ଅଣାଯିବ ବୋଲି ସେ କହିଛନ୍ତି।

## ଲଛମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ



**ଡେରାବିଶ, ୨୦।୬ (ସମିସ):**ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣାସ୍ଥିତ ପ୍ରଭୁ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଗତକାଲି ଅଙ୍କୁରାରୋପଣ ହୋଇଥିଲା। ଆଜି ପୂର୍ବାହ୍ଣରେ ନିକଟସ୍ଥ ଗୋବରୀ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରାଯାଇ ଯଜ୍ଞ ସ୍ଥଳକୁ ଅଣାଯାଇଥିଲା। ଏଥିନିମନ୍ତେ ସ୍ଥାନୀୟ ଅଞ୍ଚଳର ଶହଶହ ମହିଳା ଓ ପୁରୁଷ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ଘଣ୍ଟ ଘଣ୍ଟା ସଂକୀର୍ତ୍ତନ ମଧ୍ୟରେ ଯଜ୍ଞସ୍ଥଳକୁ ଆଣିଥିଲେ। ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ସମାଜସେବା ପ୍ରାଧାପକ ଅଜୟ କୁମାର ରାଉତ,ସ୍ୱର୍ଣ୍ଣମଞ୍ଜରୀ ନାୟକ .ବିଜୟ ରାଉତ ଓ ମିନତୀ ରାଉତ କାର୍ଯ୍ୟନିର୍ବାହ କରୁଛନ୍ତି। ଏହି ଯଜ୍ଞର ଆସନ୍ତା ଶନିବାର ପୂର୍ଣ୍ଣାହୁତି ହେବ। ଏହି ଯଜ୍ଞକୁ ସ୍ଥାନୀୟ ସରପଞ୍ଚ ଦୟାନିଧି ଦାସ ଓ ଅଞ୍ଚଳବାସୀମାନେ ପରିଚାଳନାରେ ସହଯୋଗ କରୁଛନ୍ତି।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୨୦।୬(ସମିସ):** ରାଜ୍ୟର ଏକ ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ମାଟ୍ରିକ ଟପ୍ପର ହୋଇଥିବା ତଥା ଜିଲ୍ଲାରେ ସର୍ବୋଚ ନମ୍ବର ରଖିଥିବା ରାଜକନିକା ଆରଏନ ହାଇସ୍କୁଲର ଛାତ୍ରୀ ସୁଶ୍ରୀ ଅନନ୍ୟା ବାରିକଙ୍କୁ ଆଜି ଓଳାଭରଠାରେ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୁଶ୍ରୀ ବାରକଙ୍କୁ ଶାଲ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଥିଲା। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାର ଆଲାସ୍କା ବିଶ୍ୱବିଦ୍ୟାଳୟର ଏମିରେଟ୍ସ ପ୍ରଫେସର ଡଃ ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟର ସଂଯୋଜକ ତଥା ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ସମାଜସେବୀ ଭାଗୀରଥି ଜେନା ଓ ଶ୍ରୀନିବାସ ପ୍ରଧାନ, ଅକ୍ସଫୋର୍ଡ ଇଂରାଜୀ ମିଡିୟମ ସ୍କୁଲର ଅଧ୍ୟକ୍ଷା ମିସ ଡଲି ପ୍ରମୁଖ ଯୋଗଦେଇ ସୁଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କନକପୁରରେ ଖୋଲିଲା ମୁଗମଣ୍ଡି



**ତିର୍ତ୍ତୋଲ/ଜଗତସିଂହପୁର, ୨୦।୬(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ଜନକଲ୍ୟାଣ କୃଷି ସମବାୟ ସମିତିରେ ଗୁରୁବାର ନୂତନ ମୁଗମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତିର ପରିଚାଳନା ପରିଷଦର ସଭାପତି ଅଜୟ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ତିର୍ତ୍ତୋଲ ଶାଖା ପରିଚାଳିକା ପ୍ରିୟଦର୍ଶିନୀ ପାଢ଼ୀ, ସମ୍ମାନିତ ଅତିଥି ରୂପେ ପୂର୍ବତନ ଶାଖା ପରିଚାଳକ ଫକିର ଚରଣ ସ୍ୱାଇଁ, ଭିଏଡବ୍ଲ୍ୟୁ ଅନୂସୟା ପାତ୍ର, ସମିତିର ଉପସଭାପତି ଲକ୍ଷ୍ମୀପ୍ରିୟା ସାହୁ, ଅବସରପ୍ରାପ୍ତ ସମବାୟ ଅଧିକାରୀ ରଞ୍ଜିତ କୁମାର ସାହୁ, ପ୍ରମୋଦ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀମାନେ ମଣ୍ଡିରେ ସୁରୁଖୁରୁରେ ମୁଗ ଦେଇ ସେମାନଙ୍କ ପ୍ରାପ୍ୟ ପାଇ ପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା ମଣ୍ଡଳୀର ସଦସ୍ୟ ଦୁର୍ଗାଦତ୍ତ ମହାନ୍ତି, ସୟଦ ସାଏଲ ରସୁଲ, ବିଭୁଦତ୍ତ ମହାନ୍ତି, ଶିବେନ୍ଦ୍ର ଖୁଣ୍ଟିଆ, କୃଷକ ସାଥି ଚିତ୍ତରଞ୍ଜନ ମଲ୍ଲିକ, ସମିତି ପରିବାଳନା ପରିଷଦର ସଭ୍ୟସଭ୍ୟା ଓ ଚାଷୀ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ପରମାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, କାର୍ଯ୍ୟାଳୟ ସହକାରୀ ଚିରଞ୍ଜୀବ ରାଉଳ, ଶୁଭ୍ରକାନ୍ତ ବେହେରା, ରାକେଶ ରଞ୍ଜନ ସାହୁ, ତରଜଙ୍ଗା କୃଷି ସମବାୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।

## ଆମ୍ବୁରାରୁ କୁରୁଜଙ୍ଗା ପଞ୍ଚାୟତ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ



**ପଞ୍ଚୁପାଣ୍ଡବ,୨୦।୬(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଅମ୍ବୁରା ଗ୍ରାମରୁ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଶହଶହ ଗାଡ଼ି ମୋଟର ଚଳାଚଳ କରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ, ଲଛମନଜୀଉ ମନ୍ଦିର, ଡେରାବିଶ ବ୍ଲକ କାର୍ଯ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ବ୍ୟବହାର କରିଥାନ୍ତି। ରାସ୍ତାଟିର ବିଭିନ୍ନ ସ୍ଥାନରେ ପିଚୁ ଫାଟି ଯାଇଥିବା ବେଳେ କେତେକ ସ୍ଥାନରେ ବନ୍ଧ ଧସିଯାଇଛି। ଏହି ରାସ୍ତା ଦେଇ ଯାଉଥିବା ଲୋକେ ରାତି ଅନ୍ଧାରରେ ଏହି ଖାଲମାନଙ୍କରେ ପଡ଼ି ଆହତ ହେଉଛନ୍ତି। ରାସ୍ତାର ମରାମତି ପାଇଁ ଯେତେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ସମାଜସେବୀ ସତ୍ୟରନ ସାମଲ, ହିମାଂଶୁ ସାହୁ, ଶିକ୍ଷାବିତ୍ ଅଭିମନ୍ୟୁ ରାଉତ, ଗଙ୍ଗାଧର ପୃଷ୍ଟି, ମନୋରଞ୍ଜନ ଜେନା, ଅନନ୍ତକିଶୋର ରାଉତ, ଭଜମନ ମିଶ୍ର ଏବଂ ସୁରେଶ ଦାସ ପ୍ରମୁଖ ଦାବି କରିଛନ୍ତି।

### ଦଲାଲଙ୍କ କବ୍‌ଜାରେ ଆରଟିଓ

# ବିନା ଟେଷ୍ଟିଂରେ ମିଳୁଛି ଡ୍ରାଇଭିଂ ଲାଇସେନ୍ସ









**କେନ୍ଦ୍ରାପଡ଼ା,୨୦।୬(ସମିସ):** ଦଲାଲଙ୍କ କବ୍‌ଜାରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ। ବିନା ଟେଷ୍ଟିଂରେ ଡ୍ରାଇଭିଂ ଲାଇସେନ୍ସ ମିଳୁଛି। କେବଳ ସ୍ଲଟ ବୁକିଂ କରନ୍ତୁ, ଆଉ ଦଲାଲଙ୍କ ନାମ ଲେଖାଥିବା ବୁକିଂ ପେପରକୁ ଏମ୍‌ଭିଆଇଙ୍କ ନିକଟକୁ ନେଇ ଯାଆନ୍ତୁ। ଆଉ ତାପରେ ଆରାମସେ ଲାଇସେନ୍ସ ଟେଷ୍ଟିଂ ପରୀକ୍ଷାରେ ପାସ୍ କରନ୍ତୁ। ଏ ହେଉଛି କେନ୍ଦ୍ରାପଡା ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଥିବା ଟେଷ୍ଟିଂ ସମୟର କିଛି ଦୃଶ୍ୟ । ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଦଲାଲ ମୁକ୍ତ ହେବାକୁ ନେଇ ସରକାରଙ୍କ ଯେତେ ପଦକ୍ଷେପ ଥିଲେ ମଧ୍ୟ ଏପଟେ ସରକାରୀ ବାବୁ ମାନେ ଅଧିକ ହାତଗୁଞ୍ଜା ପାଇଁ ଦଲାଲଙ୍କ ଉପରେ ନିର୍ଭର କରିବାରେ ବ୍ୟସ୍ତ। ଯାହାର ଉଦାହରଣ ହେଉଛି କେନ୍ଦ୍ରାପଡାର ଏହି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ । ବିଭିନ୍ନ ଦଲାଲ ନାମ ଥିବା ସ୍ଲଟ ପେପରକୁ ନେଇ ଲୋକମାନେ ଏମଭିଆଇଙ୍କ ନିକଟକୁ ଯାଉଛନ୍ତି । ଅନ୍ୟପଟେ ପୂର୍ବ ପ୍ରସ୍ତୁତି ଅନୁସାରେ ଏମଭିଆଇ ମଧ୍ୟ ଦଲାଲଙ୍କ ଅନୁଯାୟୀ ଲୋକମାନଙ୍କୁ ଡ୍ରାଇଭିଂ ଟେଷ୍ଟରେ ପାସ କରାଉଛନ୍ତି । ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ପଦକ୍ଷେପ

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା, ରଥ ପରିକ୍ରମା





ଜଗତସିଂହପୁର, ୨୦।୬ (ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପଡ଼ିଆ ଠାରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଅନୁପମ ସାହା ସବୁଜ ପତାକା ଦେଖାଇ ପ୍ରସ୍ତୁତ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ୧୪ ବର୍ଷ ପୂରି ନଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୫ ରୁ ୧୮ ବର୍ଷର କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତିରେ ନିୟୋଜିତ ନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି ଅଭିହିତ କରି ଜିଲ୍ଲାପାଳ ଶ୍ରୀ ସାହା ସେମାନଙ୍କ ପାଠପଢ଼ା ପାଇଁ ବିଦ୍ୟାଳୟର ରାସ୍ତା ଦେଖାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ୮ ଟି ବ୍ଲକ ଏବଂ ୨ ଟି ପୌର ପାଳିକାରେ ଏହି ସଚେତନତା ରଥ ପରିକ୍ରମା କରି ସମସ୍ତ ଜନସାଧାରଣଙ୍କୁ ଏହି ସମସ୍ୟା ଓ ଏହା ସହ ଜଡିତ ଆଇନ୍ ବିଷୟରେ ସଚେତନ କରିବ।ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶ୍ରମ ଅଧିକାରୀ ସ୍ମୃତିରେଖା ନାୟକ ଶିଶୁ ଶ୍ରମିକ ପ୍ରଥାକୁ ଏକ ସମାଜିକ ବ୍ୟାଧି ରୁପେ ଅଭିହିତ କରି ଜଗତସିଂହପୁର ଜିଲ୍ଲାକୁ ଏହି ବ୍ୟାଧିରୁ ମୁକ୍ତ କରିବା ପାଇଁ ସଂକଳ୍ପ ନେବାକୁ କହିଥିଲେ। କୌଣସି ସହୃଦୟ ବ୍ୟକ୍ତି ଏପରି ଘଟଣା ଦେଖିଲେ ତୁରନ୍ତ ଶ୍ରମ କାର୍ଯ୍ୟାଳୟ/ଥାନା ବା ଚାଇଲ୍ଡ ଲାଇନ ନମ୍ବର ୧୦୯୮ କିମ୍ବା ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ରେ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଥିଲେ।ଶିଶୁ ଶ୍ରମିକ ନିୟୋଜିତ କରିଥିବା ବ୍ୟକ୍ତିଙ୍କୁ ୨୫ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଶ୍ରୀମତୀ ନାୟକ ସୂଚନା ଦେଇଥିଲେ। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସଚେତନତା ବାର୍ତ୍ତା ବହନ କରୁଥିବା ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଅତିରିକ୍ତ ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମ, ଶ୍ରମ ବିଭାଗର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ରଙ୍ଗିଆଗଡ଼ ନିକଟରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ





ପାରାଦୀପ, ୨୦।୬(ସମିସ): ପାରାଦୀପ ରଙ୍ଗିଆଗଡ଼ ନିକଟରେ ଆଜି ଅପରାହ୍ନରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ପିପିଏଲ ସାର କାରଖାନାରୁ ଜିପସମ ଲୋଡିଂ କରି ଯାଉଥିବା ବେଳେ ପିପିଏଲ ଲେବୁଲ କ୍ରସିଂ ନିକଟରେ ଏଭଳି ଘଟଣା ଘଟିଛି।ଏଥିରେ ଟ୍ରେନର ତିନୋଟି ବଗି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଖବର ପାଇ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।ଯେହେତୁ ଏହା ଲେବୁଲ କ୍ରସିଂ ନିକଟରେ ଘଟିଛି, ତେବେ ପିପିଏଲ ମଧ୍ୟକୁ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଛି।କିଛି ସମୟ ପାଇଁ ଯାତାୟତ ମଧ୍ୟ ଏକପ୍ରକାର ଠପ୍ ହୋଇଯାଇଥିଲା। ତେଣୁ ସଙ୍ଗେ ସଙ୍ଗେ ଏହାକୁ ଠିକ୍ କରିବା ପାଇଁ ରେଲବିଭାଗର ଅଧିକାରୀମାନେ ପ୍ରୟାସ ଜାରି ରଖିଛନ୍ତି। ପ୍ରଥମେ ଅନ୍ୟ ଏକ ଇଞ୍ଜିନ ସହାୟତାରେ ଟ୍ରେନକୁ ପଛକୁ ଟାଣିବା ସହିତ ତିନୋଟି ବଗିକୁ ହାଇଡ୍ରୋଲିକ ମେସିନ ସହାୟତାରେ ସିଧା କରାଯାଇଛି। ଟ୍ରେନ କୁ ପୁଣି ପିପିଏଲ ଭିତରକୁ ନିଆଯାଇଛି।ତୁରନ୍ତ ଟ୍ରେନ ଲାଇନର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିଲା।ଲାଇନକୁ ମରାମତି କରିବା ପରେ ଟ୍ରେନ ଗୁଡିକ ଯିବା ଆସିବା କରିବ। ତେବେ ଟ୍ରେନ ଲାଇନଚ୍ୟୁତହେବାର ସଠିକ କାରଣ ଜଣାପଡ଼ି ନାହିଁ।ତଦନ୍ତ ଜାରି ରହିଛି।

# ‘ଓଡ଼ିଆ ଯାତ୍ରା ନାଟକକୁ ଇଂ. କିଶୋର ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ’



ଜଗତସିଂହପୁର, ୨୦।୬(ସମିସ): ସାହିତ୍ୟର ବିଭିନ୍ନ ବିଭବ ମଧ୍ୟରେ ନାଟକର ସ୍ଥାନ ସ୍ୱତନ୍ତ୍ର। ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଯେଉଁ କେତେଜଣ ନାଟ୍ୟକାର ଓଡ଼ିଆ ନାଟକକୁ ଆଧୁନିକତାର ସ୍ପର୍ଶ ଦେଇ ବହୁ ପରୀକ୍ଷା ନିରୀକ୍ଷା ଚଳାଇଥିଲେ, ସେମାନଙ୍କ ମଧ୍ୟରୁ ନାଟ୍ୟକାର ଇଂ କିଶୋର ମହାପାତ୍ର ଅଗ୍ରଗଣ୍ୟ ବୋଲି ନାଟ୍ୟକାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଅତିଥିମାନେ ମତ ରଖିଛନ୍ତି। ସଫଳ ଯାତ୍ରା ନାଟକ ରଚନା କରିବାରେ ନାଟ୍ୟକାର ଶ୍ରୀ ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେମାନେ କହିଥିଲେ। ନାଟ୍ୟକାର ଇଂ କିଶୋର ମହାପାତ୍ର ସ୍ମୃତି ପରିଷଦ ଆନୁକୂଲ୍ୟରେ ରେଢୁଆ ପଞ୍ଚାୟତ ନୂଆଗଡ଼ଠାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା ଯୋଗଦେଇ ତାଙ୍କ ବକ୍ତବ୍ୟରେ ତୁଳସୀ ଗଣନାଟ୍ୟ ସହ ନାଟ୍ୟକାର ଇଂ କିଶୋର ମହାପାତ୍ରଙ୍କ ସମ୍ପର୍କ ଅତି ନିବିଡ଼ ଥିଲା। ତୁଳସୀ ଗଣନାଟ୍ୟର ଉତଥାନ ପଛରେ ଇଂ କିଶୋର ମହାପାତ୍ରଙ୍କ ରଚିତ ନାଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟ୍ୟ ଗବେଷକ ପ୍ରଫେସର ଡ଼କ୍ଟର ଅଜୟ କୁମାର ମିଶ୍ର କହିଥିଲେ ଯେ ଯାତ୍ରା ନାଟକ ଆଜି ବିଭିନ୍ନ ସ୍ତର ଦେଇ ଗଣନାଟ୍ୟରେ ପରିଣତ ହୋଇଛି। ଏ କ୍ଷେତ୍ରରେ ନାଟ୍ୟକାର ଇଂ କିଶୋର ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏଥିରେ ସମ୍ମାନନୀୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଏବଂ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ସୁସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ଓ ପ୍ରାକ୍ତନ ଅଧ୍ୟାପିକା ଗୀତା ରଥ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ମହାପାତ୍ରଙ୍କ ବହୁ ଚର୍ଚ୍ଚିତ ନାଟକ ଦେଢ଼ ଦିନର ସ୍ୱାମୀ, ବଡ଼ଦାଣ୍ଡ ପୁରୀ, ସୁର ସାରଙ୍କ ସାନ ଝିଅ, ତୁମକୁ ବାହା ହୋଇ ଭୁଲ ହେଲା, ରାତି ନଅରୁ ସକାଳ ଛଅ ଇତ୍ୟାଦି ନାଟକ ସମ୍ପର୍କରେ ଆଲୋଚନା କରିବା ସହ ନାଟକର ଶିରୋନାମା ଦେବାର ସେ ମାହିର ଥିଲେ ବୋଲି କହିଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମୃତିପତ୍ର ‘ଅବ୍ୟକ୍ତ କିଶୋର’ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନାଟ୍ୟକାର କୈଳାସ ମଲ୍ଲିକ, ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ବିଶ୍ୱାଳ, ଅଭିନେତା ବ୍ରଜବିହାରୀ ନାୟକ, ଅଭିନେତ୍ରୀ ରଞ୍ଜିତା ନାୟକ, ଅଭିନେତା ପ୍ରଭାତ ପଣ୍ଡା ଓ ହାସ୍ୟ ଅଭିନେତା ଦେବେନ୍ଦ୍ର ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସହ-ସମ୍ପାଦକ ସରୋଜ ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରବି ନାରାୟଣ ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନାଟ୍ୟକାର ଇଂ. ଆଶୁତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଅରୁଣ ରାଉତରାୟ, ଉପାଧ୍ୟକ୍ଷ ନିରଞ୍ଜନ ପାତ୍ର, ସଂଯୋଜକ ବିଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଳ୍ପ, କଳକାରଖାନା ଯନ୍ତ୍ରାଂଶ ଯୋଗୁଁ ମେରାଇନ ରୋଡ୍‌ରେ ଜାମ୍



ପାରାଦୀପ, ୨୦।୬ (ସମିସ): ଜାହାଜରୁ ଶିଳ୍ପ, କଳ କାରଖାନାର ଦାମୀ ଯନ୍ତ୍ରାଂଶ ଗୁଡିକ ବନ୍ଦରର ୫ ନମ୍ବର ଗେଟ ମଧ୍ୟ ଦେଇ ବାହାରକୁ ଆସିଥାଏ। ଗତ ସପ୍ତାହେ ହେବ ଜାହାଜରୁ ବହୁ ବଡ ବଡ ଦାମୀ ଯନ୍ତ୍ରାଂଶ ସବୁ ଆସି ମେରାଇନ ରୋଡକୁ କବ୍ଜା କରିଥିବା ଦେଖିବାକୁ ମିଳିଛି।ତେବେ ପାରାଦୀପ ସମୁଦ୍ର କୂଳରେ ଥିବା ଏହି ମେରାଇନ ରୋଡରେ ରାସ୍ତା ଉପରେ ବିରାଟ ବିରାଟ ଯନ୍ତ୍ରାଂଶ ବିଭିନ୍ନ କଳ କାରଖାନାକୁ ଯିବା ନେଇ ଥୁଆ ହେବା ଫଳରେ ଯାତାୟତରେ ସମସ୍ୟା ଦେଖା ଦେଇଛି।ମେରାଇନ ରୋଡକୁ ପୌର ପାଳିକା ପକ୍ଷରୁ ଆକର୍ଷଣୀୟ କରାଯିବା ସହିତ ରଙ୍ଗ ବେରଙ୍ଗ ଆଲୋକ ସାଙ୍ଗକୁ ମ୍ୟୁଜିକ ବି ବଜାଯାଉଛି। ସନ୍ଧ୍ୟା ହେଲେ ଲୋକଙ୍କ ସୁଅ ସମୁଦ୍ର କୂଳକୁ ଛୁଟୁଛି। ହେଲେ ମେରାଇନ ରୋଡରେ ରାସ୍ତା ଉପରେ ଏଭଳି ଜାମ ହେବା ଆଦୌ ଉଚିତ ନୁହେଁ। ଦିନେ ଦୁଇ ଦିନ ନୁହେଁ ଲଗାତର ରାସ୍ତାରେ ଗାଡି ଗୁଡିକ ଏଭଳି ଛିଡା ହେବା ଦ୍ୱାରା ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ।କାରଣ ସନ୍ଧ୍ୟା ହେଲେ ସେହି ରାସ୍ତାରେ ଶହ ଶହ ବାଇକ୍ ସହିତ କାର୍ ଓ ପର୍ଯ୍ୟଟକ ସମୁଦ୍ର କୂଳକୁ ବୁଲିବାକୁ ଯାଇଥାନ୍ତି।

## ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍

କୁଜଙ୍ଗ, ୨୦।୬(ସମିସ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମୌସୁମୀ ଆସିବାର ଅବ୍ୟବହିତ ପୂର୍ବରୁ ଜୁନ ୧୯ ତାରିଖରେ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କୁଜଙ୍ଗ ବ୍ଲକର ୧୪ ଟି ବାତ୍ୟା ଆଶ୍ରୟସ୍ଥଳୀ ଯଥାକ୍ରମେ ନୂଆଗଡ଼, ନିମିଢି, ପିପ୍ପଳ, ମଙ୍ଗରାଜପୁର, ଗଣ୍ଡକିପୁର, ଫତେହପୁର, ପାନପଲ୍ଲି, ବଉଳାଙ୍ଗ, ବଡବନ୍ଧ, ଜିଲ୍ଲାନାଶି, ସାହାରାଡିଆ, କାଠକୋଟ, ବଡ଼ବାଲିକନି ପ୍ରଭୃତି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି।ଏହି ମକଡ୍ରିଲରେ ପୂର୍ବ ପ୍ରଶିକ୍ଷିତ ଆପଦ ମିତ୍ର ମାନେ ବାତ୍ୟା ଓ ବନ୍ୟା ସମୟରେ କିପରି ଜନସାଧାରଣଙ୍କୁ ଉଦ୍ଧାର କରିବେ ସେ ସମ୍ପର୍କିତ କୌଶଳ ପ୍ରଦର୍ଶନ କରିଥିଲେ। ଖାଲି ସେତିକି ନୁହେଁ ଉକ୍ତ ମକଡ୍ରିଲରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ସାମିଲ ହୋଇ ଉଦ୍ଧାର ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ପ୍ରାଥମିକ ଚିକିତ୍ସା କିପରି କରାଯାଇ ପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ ମକଡ୍ରିଲରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ସାଧାରଣ ପରିଚାଳିକା ସୁନୀତା ଜେନା, କୁଜଙ୍ଗ ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ଓ ନୋଡାଲ ଏଜେନ୍ସି ଶ୍ରଦ୍ଧାର ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ବାରିକ ଓ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଶେଷରେ ବାତ୍ୟା ଆଶ୍ରୟ ସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଥିବା ବିଭିନ୍ନ ସରଞ୍ଜାମ ସବୁର ପରୀକ୍ଷା କରାଯାଇଥିଲା।

# ମାଳପ୍ରଭାଙ୍କ ସ୍ମୃତିଚାରଣ ସଭା



ଭୁବନେଶ୍ୱର, ୨୦।୬(ସମିସ): ଜଗତସିଂହପୁର ଜିଲ୍ଲା କନକପୁର ଅନ୍ତର୍ଗତ ମାଲଣ୍ଡ ଗ୍ରାମର ସ୍ୱର୍ଗତ ମାଳପ୍ରଭା ବେହେରାଙ୍କ ଏକାଦଶାହ ଅବସରରେ ତାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋଲେଖ ପଲାଇ, କ୍ଷୀରୋଦ ମହାନ୍ତି, ଦିଗମ୍ବର ରାଉତ, ଧ୍ରୁନଚନ୍ଦ୍ର ସେନାପତି, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରିଛନ୍ତି। ସ୍ୱର୍ଗତ ବେହେରାଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଛି। ପ୍ରାରମ୍ଭରେ ତାଙ୍କ ଦ୍ୱିତୀୟ ପୁତ୍ର ଅଧ୍ୟାପକ ସୁରେନ୍ଦ୍ର ବେହେରା ସୂଚନା ପ୍ରଦାନ କରିଥିବାବେଳେ ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ ବେହେରା ଧନ୍ୟବାଦ ପ୍ରଦାନ କରିଛନ୍ତି। ଶେଷରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତିରେ ଭକ୍ତିସଙ୍ଗୀତ ପରିବେଷଣ କରାଯାଇଛି।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ବାଲିକୁଦା, ୨୦।୬(ସମିସ)

ବାଲିକୁଦା ବ୍ଲକ ବାଲିକୁଦା ବଜାରରେ ଆଜି ଏଚଡିଏଫ୍‌ସି ବ୍ୟାଙ୍କର ବାଲିକୁଦା ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ତହସିଲଦାର ଆଲୋକ ସେଠୀ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ବିଜେପି ନେତା ଶିବବ୍ରତ ଦାସ, ନାରୀନେତ୍ରୀ ସୁଚିସ୍ମିତା ମହାନ୍ତି, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଏହି ନୂତନ ଶାଖାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଓଡ଼ିଶା କ୍ଲଷ୍ଟର ହେଡ୍ ସଂଗ୍ରାମ ଅଜିତାଭ ଦାସ, ବାଲିକୁଦା ଶାଖା ପ୍ରବନ୍ଧକ ତ୍ରିବିକ୍ରମ ବେହେରା, କୁଜଙ୍ଗ ଶାଖା ପ୍ରବନ୍ଧକ ଜ୍ୟୋତିରଞ୍ଜନ ତ୍ରିପାଠୀ, ପାରାଦୀପ ପୋର୍ଟ ଶାଖାର ରାକେଶ କୁମାର ପାତ୍ର, ପାରାଦୀପ ଶାଖାର ଜ୍ୟୋତି ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା କ୍ଲଷ୍ଟର ହେଡ୍ ଶ୍ରୀ ଦାସ ବ୍ୟାଙ୍କର ବିଭିନ୍ନ ସୁବିଧା ବାବଦରେ ଆସିଥିବା ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ବୁଝାଇଥିଲେ।



## ବର୍ଗାକୃତି ଫାଶ ଜାଲ ବ୍ୟବହାର ଉପରେ ସଚେତନତା କାର୍ଯ୍ୟକ୍ରମ

# ପାରାଦୀପ ମାଛଧରା ବନ୍ଦରରେ ବୁଲିବ ସଚେତନତା ରଥ






ପାରାଦୀପ, ୨୦।୬ (ସମିସ)

ସମୁଦ୍ର ମଧ୍ୟରେ ମାଛ ଧରିବା ବେଳେ ବର୍ଗାକୃତି ଜାଲ ବ୍ୟବହାର କରିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ନେହୁରୁ ବଙ୍ଗଳା ମାଛଧରା ବନ୍ଦର ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏମପିଇଡିଏ (ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ) ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ମାନେ ବର୍ଗାକୃତି ଫାସ ଜାଲ ବ୍ୟବହାର କରିବା ପାଇଁ ଆହ୍ୱାନ ଦିଆଯାଇଛି।ଏ ନେଇ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।ଏହି ରଥ ଓଡ଼ିଶା ସାରା ବୁଲି ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି କୁହାଯାଇଛି।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଏମପିଡିଏ ର ଉପ ନିର୍ଦ୍ଦେଶକ (ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଭାରତ ସରକାର) ଅର୍ଚିମାନ ଲାହିରି ଯୋଗ ଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଏମପିଡିଏ ର ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ (ଓମ୍ପା) ର ସଭାପତି ଶ୍ରୀକାନ୍ତ ପରିଡ଼ା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ମତ୍ସ୍ୟ ଅଧିକାରୀ ବିଜୟ କୁମାର କର ଓ ଅନ୍ୟମାନେ ଉପସ୍ଥିତ ଥିଲେ।ପାରାଦୀପ ମାଛଧରା ବନ୍ଦର ମଧ୍ୟରୁ ସମୁଦ୍ରକୁ ଯାଉଥିବା ସମସ୍ତ ବୋର୍ଟ ଓ ଡଙ୍ଗା ମତ୍ସ୍ୟଜୀବୀମାନେ ପୂର୍ବରୁ ବ୍ୟବହାର କରୁଥିବା ହୀରକାକୃତି ଫାସଜାଲ ବଦଳରେ ବର୍ଗା କୃତି ଫାସ ଜାଲ ସାଙ୍ଗରେ ନେବା ପାଇଁ ପରାମର୍ଶ ଦିଆଯାଇଥିଲା।କାରଣ ହୀରକାକୃତି ଫାସ ଜାଲ ବ୍ୟବହାର କରିବା ଦ୍ୱାରା ଛୋଟ ମାଛ ଓ ଯାଆଁଳ ଗୁଡିକ ଜାଲରେ ସହଜରେ ଧରାପଡ଼ିଯାନ୍ତି। ଏହା ଦ୍ୱାରା ମତ୍ସ୍ୟବଂଶ ବୃଦ୍ଧି ହେବାରେ ବାଧକ ସୃଷ୍ଟି ହୋଇଥାଏ। ଅନ୍ୟ ପକ୍ଷରେ ବର୍ଗାକୃତି ଫାସ ଜାଲ ବ୍ୟବହାର କଲେ ଯାଆଁଳା ଓ ଛୋଟ ମାଛ ଗୁଡିକ ଜାଲରେ ନ ପଡ଼ି ସହଜରେ ବାହାରିଯାନ୍ତିଏବଂ ସମୁଦ୍ର ମଧ୍ୟରେ ବଢ଼ିଥାନ୍ତି। କେନ୍ଦ୍ର ସରକାର ସାଗରମାଳା ଯୋଜନାରେ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ଅନେକ ନିୟମ କରିଛନ୍ତି।ସେହି ଯୋଜନା ଅଧୀନରେ ମତ୍ସ୍ୟଜୀବୀମାନଙ୍କୁ ଏମପିଡିଏ ଓ ପାରାଦୀପ ବନ୍ଦର ପକ୍ଷରୁ ବର୍ଗାକୃତି ଜାଲ ଯୋଗାଇ ଦିଆଯାଇଛି।ଏବେ ସୁଦ୍ଧା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜାଲ ପ୍ରଦାନ କରାଯାଇଛି।ଆଗକୁ ସମସ୍ତ ରାଜ୍ୟର ମାଛଧରା ବୋର୍ଟ ଗୁଡିକ ଏହି ଜାଲ ବ୍ୟବହାର କରିବେ।ଏହି ଜାଲକୁ ବାଧ୍ୟତାମୂଳକ ବ୍ୟବହାର କରିବା ପାଇଁ ଆଗକୁ ଆଇନ ପ୍ରଣୟନ ହେବାକୁ ଯାଉଛି ବୋଲି ଶ୍ରୀ ଲାହିରୀ କହିଥିଲେ।ବୈଠକ ଶେଷରେ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

